## ଶାଗୁଆନ କାଠ ଜବତ, ତିନି ଗିରଫ

ରାଇଘର,(ଡି.ଏନ୍.ଏ.)- ରାଇଘର ବ୍ଲକ ବନ ବିଭାଗ ପାଟ୍ରୋଲିଂବେଳେ ଶାଗୁଆନ ଗଣ୍ଡି ସହ ବାଇକ ଜବତ କରି ୩ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ରେଙ୍ଗାଭାଟି ଗ୍ରାମର ଦଶରଥ ଭତରା (୨୭), ସୋନପୁର ହାଟଭରଣ୍ଡି ଡିଏନ୍‌କେ ଗ୍ରାମର ଆଶୁତୋଷ ମଣ୍ଡଳ (୩୫)ଓ ଗୁଡ଼ିପାରା ଗ୍ରାମର ଯୋଗେଶ୍ୱର ଗଣ୍ଡ (୨୨)। ରାଇଘର ବ୍ଲକ ହାତୀଗାଁ ସଂରକ୍ଷିତ ଜଙ୍ଗଲରେ କାଠ ଚାଲାଣ ହେଉଥିବା ନେଇ ଅଭିଯୋଗ ହୋଇଥିଲା। ରାଇଘର ରେଞ୍ଜର୍ ତନୁଜା କାର୍ତ୍ତିକଙ୍କ ନିର୍ଦ୍ଦେଶ କ୍ରମେ ଫରେଷ୍ଟର ବିପିନ ହରିଜନ, ଗାର୍ଡ ଭୁବନେଶ୍ୱର ପୁଜାରୀ, ଲାଲୁ ବିସୋଇ, ରାଜିବ ତାକୁଆ,ଗଣେଶ ଗଣ୍ଡ, ପ୍ରିତମ ଖମାରୀ ସହ ସ୍ୱତନ୍ତ୍ର ଟିମ୍, ପାରା ଷ୍ଟାଫ ସମସ୍ତେ ପେଟ୍ରୋଲିଂ କରୁଥିଲେ। କାଠ ଚାଲାଣ ଖବରପାଇ ସେମାନେ ହାତୀଗାଁ ଅଞ୍ଚଳରେ ଲୁଚି ବସିଥିଲେ। ଚାଲାଣକାରୀ ଆସିବା ମାତ୍ରେ ସମସ୍ତେ ଗ୍ରାମବାସୀଙ୍କ ସହଯୋଗରେ ଅଭିଯୁକ୍ତଙ୍କୁ କାବୁ କରାଯାଇଛି।

# ସଂକ୍ଷେପରେ

## ଭାଲୁ ଆକ୍ରମଣରେ ଜଣେ ଗୁରୁତର

ଟିକିରି,୧୪।୩(ଡି.ଏନ୍.ଏ.)- ରାୟଗଡ଼ା ଜିଲା କାଶିପୁର ବ୍ଲକ କୁଚେଇପଦର ପଞ୍ଚାୟତ ହାତିମୁଣ୍ଡା ଟିକିରି ଗ୍ରାମରେ ଭାଲୁ ଆକ୍ରମଣରେ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ସେ ହେଲେ କୃଷ୍ଣ ଝୋଡ଼ିଆ(୫୦)। ଛେଳି ଚରାଇବାକୁ ପାଖ ଜଙ୍ଗଲକୁ ଯାଇଥିବାବେଳେ ପଛରୁ ୨ ଭାଲୁ ଆସି ତାଙ୍କୁ ଆକ୍ରମଣ କରିଥିଲେ। ଏଥିରେ କୃଷ୍ଣଙ୍କ ମୁହଁ ଏବଂ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଗାଇ ଚରାଇବାକୁ ଯାଉଥିବା ଅନ୍ୟ କେତେଜଣ ବ୍ୟକ୍ତିଙ୍କୁ ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଉଦ୍ଧାର କରି ପରିବାର ଲୋକଙ୍କୁ ଖବର ଦେବା ସହ ଉଷାପଡ଼ାସ୍ଥିତ ଉତ୍କଳ ଆଲୁମିନା ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଖବର ପାଇ ଟିକିରି ଥାନା ଅଧିକାରୀ କାମେଶ୍ୱର ଆଚାରି ପହଞ୍ଚି ତଦନ୍ତ ଚଳାଇଛନ୍ତି। ସରକାରୀ ସହାୟତା ପ୍ରଦାନ ନିମନ୍ତେ ଗ୍ରାମବାସୀ ଦାବି କରିଛନ୍ତି।

## ଶାନ୍ତି ବାର୍ତ୍ତା ନେଇ ବାହାରିଥିବା ଜୈନ ମୁନିଙ୍କୁ ସ୍ୱାଗତ



ମୁନିଗୁଡ଼ା୧୪।୩(ଡି.ଏନ୍.ଏ.)- ରାୟଗଡ଼ା ଜିଲା ମୁନିଗୁଡ଼ାସ୍ଥିତ ଜୈନ ପରିବାର ପକ୍ଷରୁ ଜୈନ ମୁନିଙ୍କୁ ସ୍ୱାଗତ କରାଯାଇଛି। ଛତିଶଗଡ଼ର ରାୟପୁରରୁ ୨ମାସ ଧରି ଚାଲିଚାଲି ଆସିଥିବା ମୁନି ଦୀପ୍ କୁମାର ଓ କୁମୁଦ କୁମାରଙ୍କୁ ଦହିଖାଲ ଗ୍ରାମ ନିକଟରୁ ସ୍ୱାଗତ କରାଯାଇ ମୁନିଗୁଡ଼ା ମୁଖ୍ୟ ବଜାର ଦେଇ ସ୍ଥାନୀୟ ମାରଓ୍ୱାଡି ଧର୍ମଶାଳାକୁ ନିଆଯାଇଛି। ସେଠାରେ ସେମାନଙ୍କ ରହିବା ବ୍ୟବସ୍ଥା କରାଯାଇଛି। ଏହି ଜୈନ ମୁନିମାନେ ପ୍ରତ୍ୟେକ ବର୍ଷ ପ୍ରବଚନ ମାଧ୍ୟମରେ ଶାନ୍ତି ଓ ନିଶାମୁକ୍ତି ବାର୍ତ୍ତା ପ୍ରଚାର କରିଥାନ୍ତି। ମଙ୍ଗଳବାର ମୁନିଗୁଡ଼ାରେ ପ୍ରବଚନ କାର୍ଯ୍ୟକ୍ରମ ରହିଛି। ଏହାପରେ ଦୁହେଁ ଆନ୍ଧ୍ର ପ୍ରଦେଶର ବିଶାଖାପାଟଣା ଯିବା କାର୍ଯ୍ୟକ୍ରମ ରହିଛି। ଭୂପେନ୍ଦ୍ର ସିଂ ଜୈନ, ଜଗନ ପ୍ରସାଦ ଜୈନ, ମୁକେଶ କୁମାର ଜୈନ, ରତନଲାଲ ଜୈନ, ସୁରେଶ ଜୈନ, କବିତା ଜୈନ, ଭଗବତୀ ଜୈନଙ୍କ ସମେତ ବହୁ ଜୈନ ପରିବାରର ସଦସ୍ୟ ଉପସ୍ଥିତ ଥିଲେ।

## ଅଞ୍ଚଳର ବିକାଶ ପାଇଁ କାମ କରିବି: ଭୀମ



ଚନ୍ଦ୍ରପୁର,୧୪।୩(ଡି.ଏନ୍.ଏ.)- ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ବୁଡ଼ିବାଲି ପଞ୍ଚାୟତର ନବ ନିର୍ବାଚିତ ସରପଞ୍ଚ ଭୀମ ଗଗେରଙ୍ଗା କିଛିଦିନ ତଳେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଦ୍ୱିତୀୟ ଥର ପାଇଁ ସରପଞ୍ଚ ପଦ ହାସଲ କରିଛନ୍ତି। ୨୦୦୭ରେ ପ୍ରଥମେ ବୁଡ଼ିବାଲି ପଞ୍ଚାୟତର ସରପଞ୍ଚ ନିର୍ବାଚିତ ହୋଇଥିଲେ। ୨୦୧୨ରେ ବୁଡ଼ିବାଲି ପଞ୍ଚାୟତର ସମିତିସଭ୍ୟ ନିର୍ବାଚିତ ହୋଇ ଚନ୍ଦ୍ରପୁର ବ୍ଲକ ଅଧକ୍ଷ ହୋଇଥିଲେ। ୨୦୨୨ରେ ସରକାରଙ୍କ ଭୁଲ ନିଷ୍ପତ୍ତି ଯୋଗୁ ବୁଡ଼ିବାଲି ସରପଞ୍ଚ ଆସନଟି ମହିଳାଙ୍କ ପାଇଁ ସଂରକ୍ଷଣ କରାଯାଇଥିଲା। ଏଥିପାଇଁ ସେ ହାଇକୋର୍ଟର ଦ୍ୱାରସ୍ଥ ହୋଇ ନ୍ୟାୟ ପାଇଥିଲେ। ଏହି ଆସନ ମହିଳାଙ୍କ ବଦଳରେ ପୁରୁଷଙ୍କ ପାଇଁ ବୋଲି ସଂଶୋଧନ କରାଯାଇଥିଲା। ଚଳିତ ନିର୍ବାଚନରେ ସେ ପୁଣି ବୁଡ଼ିବାଲି ପଞ୍ଚାୟତରୁ ସରପଞ୍ଚ ନିର୍ବାଚିତ ହୋଇଛନ୍ତି। ଜଣେ ଆଦିବାସୀ ଶିକ୍ଷିତ ବ୍ୟକ୍ତିଭାବେ ଅଞ୍ଚଳର ଗରିବ, ଦଳିତ ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିବି ଏବଂ ଅଞ୍ଚଳର ବିକାଶ କରିବି ବୋଲି ଭୀମ କହିଛନ୍ତି।

# ପ୍ରାର୍ଥୀଙ୍କଠାରୁ ବିକାଶର ପ୍ରତିଶ୍ରୁତି ମାଗୁଛନ୍ତି ଭୋଟର

ନବରଙ୍ଗପୁର,୧୪।୩(ବି.ପ୍ର.)



ରାସ୍ତାରେ ଜମିଥିବା ନାଳପାଣି।

### ନବରଙ୍ଗପୁର ପୌର ପରିଷଦର ୱାର୍ଡ ନଂ. ୧୩

ନବରଙ୍ଗପୁର ୱାର୍ଡ ନଂ. ୧୩ । ପୋଲିସ ପରେଡ୍ ପଡ଼ିଆରୁ ଭେଟେରିନାରି ହସ୍ପିଟାଲ, ଝିକର ମିଲ୍ ପୂର୍ବ ପାଖରେ ଥିବା ରାସ୍ତା ଓ ଗୃହ ନିର୍ମାଣ ମୁଖ୍ୟ ରାସ୍ତା ପାଖ ହନୁ ଦୁଲାରି ଫୁଟବଲ ପଡିଆ ନିକଟ ସମସ୍ତ ଘର, ବ୍ଲକ ଅଫିସ ସେନାପତି ସାହି ପୂର୍ବ ପାଖ ଥିବା ମୁଖ୍ୟ ରାସ୍ତାକୁ ନେଇ ଗଠିତ। ଚଳିତ ପୌର ନିର୍ବାଚନରେ ୱାର୍ଡଟି ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ଏଠାରେ ଚଳିତ ଥର କଂଗ୍ରେସ ପ୍ରାର୍ଥୀ ଦେଇପାରିନାହିଁ। ଭାଜପା, ବିଜେଡି ଓ ୨ଜଣ ସ୍ୱାଧୀନ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ଏଥର ଭୋଟର କିନ୍ତୁ ପ୍ରାର୍ଥୀଙ୍କୁ ସାହି ସମସ୍ୟା ସମାଧାନ ସମ୍ପର୍କରେ ପ୍ରଶ୍ନ କରୁଛନ୍ତି। ପ୍ରାର୍ଥୀଙ୍କଠାରୁ ବିକାଶର ପ୍ରତିଶ୍ରୁତି ମଧ୍ୟ ମାଗୁଛନ୍ତି ଭୋଟର।

୨୪ରେ ନବରଙ୍ଗପୁର ପୌର ନିର୍ବାଚନ। ୧୭ ୱାର୍ଡକୁ ନେଇ ଗଠିତ ନବରଙ୍ଗପୁର ସହରର ୧୩ ନମ୍ବର ୱାର୍ଡରେ ଭାଜପାର ସଂଯୁକ୍ତା ସାହୁ, ବିଜେଡିର ରଞ୍ଜିତା କୁମାରୀ ପଣ୍ଡା ଓ ସ୍ୱାଧୀନ ପ୍ରାର୍ଥୀଭାବେ ମୀରା ମହାପାତ୍ର ଓ ହେମଲତା ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି।

ଏହି ୱାର୍ଡରେ ୨ ହଜାର ୭ଶହ ୪୦ ଭୋଟର ଅଛନ୍ତି। ଏହି ୱାର୍ଡରେ ଗାଦବାଗୁଡ଼ାର ଝଙ୍କର ମିଲ୍ ନିକଟରୁ ପଶୁ ଡାକ୍ତରଖାନା ପର୍ଯ୍ୟନ୍ତ କିନ୍ତୁ ଡ୍ରେନ୍ ବ୍ୟବସ୍ଥା ହୋଇନାହିଁ। ଆବର୍ଜନା ହଟୁନାହିଁ। କୁଢ଼କୁଢ଼ ଆବର୍ଜନା ନାଳ ଭିତରେ ରହିଛି। ନାଳଗୁଡିକ ପୋତି ହୋଇଗଲାଣି। ଗୋଳିଆ ମାଟି ପାଣି ପାଇପ ଯୋଗେ ମିଳୁଛି। ବେଳେବେଳେ କଳା ପାଣି ମଧ୍ୟ ଆସୁଛି। ଏନେଇ ଲୋକେ ଅଭିଯୋଗ କଲେ ମଧ୍ୟ ଦୀର୍ଘ ୭ ବର୍ଷ ମଧ୍ୟରେ ତାହାର ସ୍ଥାୟୀ ସମାଧାନ ହୋଇପାରି ନାହିଁ। ଆବାସ ଯୋଜନାରେ ଘରଗୁଡ଼ିକ ହିତାଧିକାରୀଙ୍କୁ ଦିଆଗଲା। ଠିକଣା ସମୟରେ ସେମାନଙ୍କ କିସ୍ତି ପ୍ରାପ୍ୟ କିନ୍ତୁ ମିଳିପାରୁନାହିଁ। ଗରିବ ହିତାଧିକାରୀ ବିଭିନ୍ନ ସ୍ଥାନରୁ ଧାର କରଜ ରହି ସମସ୍ୟା ଭୋଗୁଛନ୍ତି। ଅଟ୍ଟାଳିକା ଭାବେ ଗଢି ଉଠୁଥିବା ସାହିମାନଙ୍କରେ ଯେତିକ ଟଙ୍କା ଉନ୍ନୟନ ବାବଦକୁ ଖର୍ଚ୍ଚ କରାଯାଉଛି ଅନ୍ୟ ପୁରୁଣା ସାହି ଗଳିରେ ସେହି ଅନୁପାତର ୩୦ ଭାଗ ମଧ୍ୟ ଖର୍ଚ୍ଚ କରାଯାଉ ନାହିଁ। ପୋଲିସ ପଡ଼ିଆ ପଛପାଖ ଥିବା ମୁଖ୍ୟ ନାଳ ପୋତି ହୋଇଯାଉଥିଲେ ମଧ୍ୟ ସେଥିପ୍ରତି ଗୁରୁତ୍ୱ ଦିଆଯାଇ ନାହିଁ। ବର୍ଷା ହେଲେ ୧୩ ନମ୍ବର ୱାର୍ଡର ସମସ୍ତ ସାହିରାସ୍ତା ଉପରେ ଆବର୍ଜନା ପାଣି ବହିଥାଏ। ଏହାକୁ ପୌରସଂସ୍ଥା ସୁଧାରିପାରି ନାହିଁ। ଏହି ୱାର୍ଡରେ ବିଭିନ୍ନ ସାହି ଗଳି କଲୋନି ଗଢିଉଠିଛି। ଗଳି ରାସ୍ତାଗୁଡିରେ ସିମେଣ୍ଟ ଟିକିଏ ପଡିନାହିଁ। ଏହିଭଳି ଅନେକ ସମସ୍ୟା ଭିତରେ ରହିଥିବା ଜନସାଧାରଣ ଓ ଭୋଟର ପ୍ରାର୍ଥୀଙ୍କଠାରୁ ପ୍ରତିଶ୍ରୁତି ଚାହୁଁଛନ୍ତି।

# କୀଟନାଶକ ବିନା ଫସଲକୁ ସୈନିକ କୀଟରୁ ବଞ୍ଚାଇବା ତାଲିମ

ଉମରକୋଟ, ୧୪।୩(ସ୍ୱ.ପ୍ର.)



ରାଇଘରରେ ଅଧିକାରୀମାନେ କ୍ଷେତ୍ର ବୁଲୁଛନ୍ତି।

କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର ପକ୍ଷରୁ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ନବରଙ୍ଗପୁର ଜିଲାରେ କ୍ଷେତ୍ର ପ୍ରଦର୍ଶନ ଓ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିନା ରାସାୟନିକ ସାର ପ୍ରୟୋଗରେ ମକା ଫସଲରେ ସୈନିକ କୀଟ ବା ଆର୍ମୀ ୱର୍ମର ପରିଚାଳନା ପାଇଁ ଏହି କାର୍ଯ୍ୟକ୍ରମ କରାଯାଉଛି। ରାଇଘରର ଦେବା ଉମରକୋଟ ବଡ଼କୁମାରୀରେ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରିଥିଲେ। ଉପରୋକ୍ତ ୨ବ୍ଲକରେ ଏ ନେଇ ଚାଷୀଙ୍କୁ ତାଲିମ ଦିଆଯାଇଛି। କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର ପ୍ରଧାନ ବୈଜ୍ଞାନିକ ଡଃ. କେ. ରାଜଶେଖର ରାଓ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ କେମିକାଲ ଟେକ୍ନୋଲୋଜି ଦ୍ୱାରା ବିକଶିତ ହୋଇଥିବା ସ୍ୱତନ୍ତ୍ର ଡିଜାଇନର ଥୋପ ଦ୍ୱାରା କିପରି ଆର୍ମୀ ୱର୍ମକୁ ରୋକାଯାଇ ପାରିବ ସେ ନେଇ ମକା ଚାଷୀଙ୍କୁ ବୁଝାଇ ଥିଲେ। ଆର୍ମୀ ୱାର୍ମକୁ ରୋକିବା ପାଇଁ ଚାଷୀମାନେ ପ୍ରାୟତଃ ରସାୟନିକ କୀଟନାଶକ ଅଧିକ ମାତ୍ରାରେ ବ୍ୟବହାର କରିଥାନ୍ତି। ଏହାଦ୍ୱାରା ମୃତିକା ସହ ଜୈବ ବିବିଧତା ନଷ୍ଟ ହୋଇଥାଏ। କିନ୍ତୁ, ଏହି ସ୍ୱତନ୍ତ୍ର ଥୋପ ବ୍ୟବହାର ଦ୍ୱାରା କ୍ଷେତରେ କୀଟନାଶକ ପ୍ରୟୋଗକୁ ମଧ୍ୟ ରୋକାଯାଇପାରିବ। ରାଇଘର ଓ ଉମରକୋଟ ଅଞ୍ଚଳରେ ପ୍ରାୟ ୭୦୦ ହେକ୍ଟର କ୍ଷେତକୁ ପରୀକ୍ଷାମୂଳକ ଭାବରେ ଗ୍ରହଣ କରାଯାଇଛି। ରାଇଘର ଅଞ୍ଚଳରେ ୧୭୦୦ଜଣ ଚାଷୀଙ୍କୁ କୀଟରୋଧକ ଯନ୍ତ୍ର ବିନା ମୂଲ୍ୟରେ ଦିଆଯାଇଛି। ପ୍ରତି ୧୫ଦିନରେ କେତେ କୀଟ ଯନ୍ତାରେ ପଡୁଛନ୍ତି ତାକୁ ଅନୁଧ୍ୟାନ କରି ଆଗାମୀ ପଦକ୍ଷେପ ନିଆଯିବ ବୋଲି କୁହାଯାଇଛି। ଗ୍ରାମାଞ୍ଚଳରେ ସମସ୍ତ ତଥ୍ୟ କୃଷକ ସାଥି ଓ ଗ୍ରାମ୍ୟ କୃଷକ କର୍ମଚାରୀ ଏହାର ରିପୋର୍ଟ ପ୍ରତି ୧୫ ଦିନରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବେ ବୋଲି କୁହାଯାଇଛି।

## ରେଡ୍‌କ୍ରସ୍‌ର ତାଲିମ ଶିବିର

ଡାବୁଗାଁ, ୧୪।୩ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରସ୍ଥିତ ସରକାରୀ ପଞ୍ଚାୟତ ହାଇସ୍କୁଲରେ ଡିଇଓ ପ୍ରଦୀପ କୁମାର ନାଗଙ୍କ ଅନୁମୋଦନ କ୍ରମେ ଭାରତୀୟ ରେଡକ୍ରସ ସୋସାଇଟି ଓଡିଶା ରାଜ୍ୟ ଶାଖା ଓ ଜିଲା କନିଷ୍ଠ ରେଡକ୍ରସ ନବରଙ୍ଗପୁର ପକ୍ଷରୁରାଜ୍ୟସ୍ତରୀୟ ରେଡକ୍ରସ ପରାମର୍ଶଦାତାଙ୍କ ଏକ ୩ ଦିନିଆ ତାଲିମ ଶିବିର ସୋମବାର ଉଦଘାଟିତ ହୋଇଛି। ମୁଖ୍ୟ ଅତିଥିଭାବେ ଏଡିଇଓ ବିଶ୍ୱନାଥ ସାହୁ, ଡାବୁଗାଁ ବିଇଓ ପ୍ରଶାନ୍ତ କୁମାର ହୋତା, ୱାଇଆର୍‌ସି ଜିଲା ସମ୍ପାଦକ ବିଭାଶିଷ ଦେ ଓ ପ୍ରଧାନ ଶିକ୍ଷକ ପ୍ରଭାସ କୁମାର ରାୟ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା କନିଷ୍ଠ ରେଡକ୍ରସ ଅଧିକାରୀ ନାରାୟଣ ପାଇକରାୟ, ନଳିନୀକାନ୍ତ ପାତ୍ର ଓ କମଳାକାନ୍ତ ରାଉତ ତାଲିମ ଦେଇଥିଲେ। ଏହି ୩ ଦିନିଆ ତାଲିମ ଶିବିରରେ ରେଡକ୍ରସର ଲକ୍ଷ୍ୟ, ସ୍ୱାସ୍ଥ୍ୟ, ସେବା ଓ ବନ୍ଧୁତାକୁ ବିଦ୍ୟାଳୟସ୍ତରରେ ଅଧିକ କ୍ରିୟାଶୀଳ ହୋଇପାରିବ ତାହା ଉପରେ ଆଲୋଚନା କରାଯାଇଥିଲା। ଏଥିରେ ସପନ କୁମାର ନାୟକ, ପ୍ରଫୁଲ୍ଲ ମେହେରା, ରାମାକାନ୍ତ ଲେଙ୍କା, ଇତିଶ୍ରୀ ବର୍ଷାରାଣୀ ରାଉତ, ସନୋଜ ମହାପାତ୍ର, ଶେଖର ଚନ୍ଦ୍ର ସାହୁ, ମଧୁମିତା ନାୟକ, ବିଦେଶୀ ମହାକୁଡ଼, ହେମନ୍ତ ସାମଲ, ଦିବାକର ସରାବୋ ଓ ବିଦ୍ୟାଳୟର ସମସ୍ତ ଶିକ୍ଷୟତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ।

# ଭୋଗ ଖାଇ ନଗର ପରିକ୍ରମା କରୁଛନ୍ତି ଠାକୁର

ନବରଙ୍ଗପୁର,୧୪।୩ (ବି.ପ୍ର.)



ନବରଙ୍ଗପୁର ଶ୍ରୀ ଜଗନ୍ନାଥ ମନ୍ଦିରରେ ଦୋଳ ଉତ୍ସବ ଆରମ୍ଭ ହୋଇଛି। ପ୍ରତ୍ୟେକ ଦିନ ସନ୍ଧ୍ୟା ଆଳତି ପରେ ରାଧା କୃଷ୍ଣଙ୍କୁ ବିମାନ ଯୋଗେ ନିଆଯାଉଛି। ପ୍ରଥାନୁସାରେ ପ୍ରଥମେ ରାଜାଙ୍କ ଘରେ ଠାକୁର ଭୋଗ ଖାଇ ଗୁଣ୍ଡିଚା ମନ୍ଦିର ଛକ ପର୍ଯ୍ୟନ୍ତ ନଗର ପରିକ୍ରମା କରିଥାନ୍ତି। ଏହି ଦୋଳ ଯାତ୍ରା ଫଗୁ ଦଶମୀରୁ ଆରମ୍ଭ ହୋଇ ହୋଲି ପର୍ଯ୍ୟନ୍ତ ଚାଲିବ। ୪ର୍ଥ ଦିନରେ ହଳପଡି ନୀତି ଓ ୫ମ ଦିନରେ ଶ୍ରୀ ଗୁଣ୍ଡିଚା ମନ୍ଦିରରେ ନବରଙ୍ଗପୁର ରାଜପୁରୋହିତ ନରସିଂହ ତ୍ରିପାଠୀ ନୂତନ ପଞ୍ଜିକା ପୂଜାର୍ଚ୍ଚନା କରି ପାଠ କରନ୍ତି। ଜଗନ୍ନାଥ ମନ୍ଦିର ସମେତ ହନୁମାନ ମନ୍ଦିର, ଚୈତନ୍ୟ ମନ୍ଦିର, ଗୁଣ୍ଡିଚା ମନ୍ଦିର ଏବଂ ବ୍ରାହ୍ମଣକାର୍ଜି ଘର ମିଶି ସମୁଦାୟ ୫ଟି ରାଧାକୃଷ୍ଣଙ୍କ ବିମାନ ସାମିଲ ହୋଇଥାନ୍ତି। ଏହି ଦୋଳ ଉତ୍ସବରେ ମାଳି ସମାଜ, ଗୌଡ଼ ସମାଜ, ନବରଙ୍ଗପୁର ଦେବୋତ୍ତର ବିଭାଗ, ପୋଲିସ ଓ ଜଗନ୍ନାଥ ମନ୍ଦିର ନୀତି ପରିଚାଳନା ନିଯୋଗର ସମସ୍ତ କର୍ମକର୍ତ୍ତାଙ୍କ ସହଯୋଗରେ ଚାଲୁଛି ବୋଲ ନୀତି ପରିଚାଳନା ନିଯୋଗ ସାଧାରଣ ସମ୍ପାଦକ କୁନା ପାତ୍ର କହିଛନ୍ତି।

## ୨ ନଂ. ୱାର୍ଡରୁ ମମତା ମାଣ୍ଡାଙ୍ଗୀ ନିର୍ଦ୍ୱନ୍ଦ୍ୱରେ ବିଜୟୀ

ରାୟଗଡ଼ା ଅଫିସ,୧୪।୩

ରାୟଗଡ଼ା ପୌର ନିର୍ବାଚନ ନିମନ୍ତେ ସୋମବାର ପ୍ରାର୍ଥୀପତ୍ର ପ୍ରତ୍ୟାହାର ସରିଛି। ନାମାଙ୍କନ ପତ୍ର ଯାଞ୍ଚବେଳେ ରାୟଗଡ଼ା ପୌର ପରିଷଦ ଅଧୀନ ୨ ନଂ. ୱାର୍ଡରୁ ଏକମାତ୍ର କାଉନ୍‌ସିଲର ପ୍ରାର୍ଥିନୀ ଥିବା ବିଜେଡିର ମମତା ମାଣ୍ଡାଙ୍ଗୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ତାଙ୍କ ସହ ପ୍ରତିଦ୍ୱନ୍ଦ୍ୱୀତା ପାଇଁ ଅନ୍ୟ କେହି ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରି ନ ଥିବାରୁ ନିର୍ବାଚନ ଅଧିକାରୀ ତଥା ଉପ ଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ ମମତାଙ୍କୁ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ବିଜୟୀ ଘୋଷଣା କରିଛନ୍ତି। ଉକ୍ତ ୱାର୍ଡ ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ରହିଛି। ବିଜୟୀ ଘୋଷଣା ପରେ ମମତା ୱାର୍ଡର ସମସ୍ତ ମୌଳିକ ସମସ୍ୟାର ସମାଧାନ ନିମନ୍ତେ ଉଦ୍ୟମ କରିବି ବୋଲି କହିଛନ୍ତି।

# ମଡେଲ ବସ୍‌ଷ୍ଟାଣ୍ଡ ପାଇଁ ଦୋକାନ ଗୃହ ଉଚ୍ଛେଦ

କୋଷାଗୁମୁଡ଼ା, ୧୪।୩(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୋଷାଗୁମୁଡା ସଦର ମହକୁମାରେ ନୂତନ ମଡେଲ୍ ବସ୍‌ଷ୍ଟାଣ୍ଡ ପାଇଁ ସୋମବାର ଦୋକାନ ଗୃହ ସବୁ ଉଚ୍ଛେଦ କରାଯାଇଛି। ଏହା ପୂର୍ବରୁ ଦୋକାନୀଙ୍କୁ ନୋଟିସ୍ କରାଯାଇଥିଲା। କୋଷାଗୁମୁଡ଼ାରେ ମଡେଲ୍ ବସ୍‌ଷ୍ଟାଣ୍ଡ ପାଇଁ ଯୋଜନା ରହିଛି। ତେଣୁ ରାସ୍ତାକଡ଼ରେ ଥିବା ଦୋକାନ ସବୁ ଉଚ୍ଛେଦ କରାଯିବାର ଥିଲା। ଏ ନେଇ ଦୋକାନୀଙ୍କୁ ନିର୍ଦ୍ଧାରିତ ସମୟ ପୂର୍ବରୁ ନୋଟିସ୍ କରାଯାଇଛି। ଦୋକାନୀମାନେ ନିଜ ନିଜ ଜିନିଷ ଖାଲି କରିଥିଲେ। ମୁଖ୍ୟ ରାସ୍ତାରେ ଜଗନ୍ନାଥ ମନ୍ଦିରକୁ ଲାଗି ରହିଥିବା ଦୋକାନ ଗୃହକୁ ଜେସିବି ଲଗାଇ ଉଚ୍ଛେଦ କରାଯାଇଛି। ସେହିଭଳି ବସଷ୍ଟାଣ୍ଡ ଭିତରେ ଥିବା ଦୋକାନ ଘର ମଧ୍ୟ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି । ମୁଖ୍ୟ ରାସ୍ତା ତିରିଶ ଫୁଟ ଓସାରରେ ପ୍ରସାରିତ କରାଯାଇଛି। ଉଚ୍ଛେଦ ସମୟରେ କୋଡିଙ୍ଗା ତହସିଲଦାର ଶିବପ୍ରସାଦ ପଟ୍ଟନାୟକ, ଅତିରିକ୍ତ ତହସିଲଦାର ସବ୍ୟସାଚୀ ଜେନା, ସଦର ମହକୁମା ରାଜସ୍ୱ ନିରୀକ୍ଷକ ଉପସ୍ଥିତ ଥିଲେ। ଆଇନଶୃଙ୍ଖଳା ପରିସ୍ଥିତି ରକ୍ଷା କରିବା ପାଇଁ ଥାନାଧିକାରୀ ଗୋବିନ୍ଦ ଚନ୍ଦ୍ର ବୁରୁଦାଙ୍କ ନେତୃତ୍ୱରେ ପୋଲିସ ମୁତୟନ କରାଯାଇଛି।

# ପରିବେଶ ସୁରକ୍ଷା ବାର୍ତ୍ତା ନେଇ ସାଇକେଲ ଯାତ୍ରା

ଗୁଣପୁର,୧୪।୩(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ଠାରେ ପରିବେଶ ସୁରକ୍ଷା ନେଇ ଏକ ସାଇକେଲ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଆର୍‌ଏସଏସ୍‌ର ଗତିବିଧି ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ ହୋଇଥିଲା। ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ତଥା ଅମୃତ ମହୋତ୍ସବ ଲାଗି ଏହି କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ଶତାଧିକ ଛାତ୍ରୀଛାତ୍ର ଗୁଣପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରୁ ସଚେତନତାର ବାର୍ତ୍ତା ନେଇ ସହର ପରିକ୍ରମା କରି ପ୍ରଧାନୀଗୁଡ଼ାରେ ପହଞ୍ଚିଥିଲେ। ସେଠାରେ ପରିବେଶ ତଥା ପର୍ଯ୍ୟାବରଣର ସୁରକ୍ଷା ନେଇ ଆର୍‌ଏସ୍‌ଏସ୍‌ର ଜିଲା ବୌଦ୍ଧିକ ପ୍ରମୁଖ ପ୍ରଭାତ ମହାପାତ୍ର ଆଲୋକପାତ କରିଥିଲେ। ପ୍ଲାଷ୍ଟିକ ବର୍ଜନ, ଚାରାରୋପଣ ଏବଂ ଜଳ ସଂରକ୍ଷଣ ପ୍ରସଙ୍ଗକୁ ନେଇ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଆର୍‌ଏସ୍‌ଏସ୍‌ର ଜିଲା ସଂଘ ଚାଳକ ନନ୍ଦିକେଶ୍ୱର ଚୌଧୁରି, ଏବିଭିପିର ଉମାଶଙ୍କର ଦାସ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଶତପଥୀ ପ୍ରମୁଖ ନେତୃତ୍ୱ ନେଇଥିଲେ। ପ୍ରଧାନୀଗୁଡ଼ାଠାରେ ଶୋଭାଯାତ୍ରା ପହଞ୍ଚିବା ପରେ ଗୋପୂଜନ, ଭୂମୀ ଏବଂ ତୁଳସୀ ବୃକ୍ଷ ପୂଜନ କାର୍ଯ୍ୟକ୍ରମ ହୋଇଥିଲା।



ଶୋଭାଯାତ୍ରାରେ ବାହାରିଥିବା ଛାତ୍ରୀଛାତ୍ରମାନେ।

# ପିଇଓଙ୍କ ନାଁରେ ଗଡୁଛି ୧୦ଲକ୍ଷରୁ ଊର୍ଦ୍ଧ୍ୱ ସରକାରୀ ଅର୍ଥ

ନବରଙ୍ଗପୁର,୧୪।୩(ବି.ପ୍ର.)

- ଭତ୍ତା ବାବଦକୁ ନେଇଥିଲେ ଆଡଭାନ୍ସ
- ଫେବୃୟାରୀ ୭ରୁ ବିନା ଛୁଟିରେ ଆସୁନାହାନ୍ତି ଡ୍ୟୁଟି

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଅଧିନ ଜଗନ୍ନାଥପୁର ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ହଳଧର ଜାନି ୪ ମାସର ଭତ୍ତା ଟଙ୍କା ପ୍ରଦାନ ପାଇଁ ୧୦ ଲକ୍ଷ ୪୯ ହଜାର ୨ଶହ ଟଙ୍କା ଆଡଭାନ୍ସ ନେଇଥିଲେ। ଏଯାଏ ତାଙ୍କ ଉପରେ ବକେୟା ଟଙ୍କା ଗଡୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ଠୋସ୍ ପଦକ୍ଷେପ ନିଆଯାଇନାହିଁ। ବର୍ତ୍ତମାନ ହଳଧର ଫେବୃୟାରୀ ୭ରୁ ଛୁଟିରେ ଅଛନ୍ତି। ତାହା ପୁଣି ବିନା ଦରଖାସ୍ତରେ। ତାଙ୍କ ଉପସ୍ଥାନ ଖାତାରେ ଛକି ପରେ ଛକି ମରାଚାଲିଛି।

କୋଭିଡ୍ ସମୟରେ ଜଗନ୍ନାଥପୁର ପଞ୍ଚାୟତର ୭୭୭ ହିତାଧିକାରୀଙ୍କୁ ୪ ମାସର ଭତ୍ତା ନଗଦ ଆକାରରେ ଦେବାକୁ ନିର୍ଦ୍ଦେଶ ଥିଲା। ପିଇଓ ହଳଧର ଜାନି ୨୦୨୦ ସେପ୍ଟେମ୍ବର ୧୨ରେ ଇନ୍ଦିରା ଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ବାବଦକୁ ୭୧ ହଜାର ୬ଶହ, ବିଧବା ଭତ୍ତା୧ଲକ୍ଷ ୯୯ ହଜାର ୫ଶହ, ଦିବ୍ୟାଙ୍ଗ ଭତ୍ତା ୨୨ ହଜାର ୪ଶହ ଓ ମଧୁବାବୁ ପେନ୍‌ସନ ବାବଦକୁ ୭ ଲକ୍ଷ ୫୫ ହଜାର ୭ଶହ ଟଙ୍କା ମୋଟ ୧୦ ଲକ୍ଷ ୪୯ ହଜାର ୨ଶହ ଟଙ୍କା ଆଡଭାନ୍ସ ବାବଦକୁ ନେଇଥିଲେ। ଏହି ଟଙ୍କା ହିତାଧିକାରୀଙ୍କୁ ପ୍ରଦାନ କରାଗଲାକି ନାହିଁ ତାହାର ହିସାବ ସେ ବ୍ଲକ କାର୍ଯ୍ୟାଳୟରେ ଦାଖଲ କଲେ ନାହିଁ। ଏଭଳିକି ଆକ୍ୟୁଟାନ୍ସ ରିପୋର୍ଟ ଓ କ୍ୟାଶ୍‌ବୁକ୍ ମଧ୍ୟ ପ୍ରଦାନ କଲେ ନାହିଁ। ଏହିଭଳି ଅନିୟମିତତା ଘଟଣାକୁ ନେଇ ୨୦୨୧ ଅକ୍ଟୋବରରେ ହଳଧରଙ୍କୁ ଜଗନ୍ନାଥପୁର ପଞ୍ଚାୟତରୁ ନନ୍ଦାହାଣ୍ଡି ବ୍ଲକ ଜିପିଓଙ୍କ ନିକଟରେ ରହି କାର୍ଯ୍ୟ କରିବା ପାଇଁ ଆଦେଶ ଦିଆଗଲା। ସେ ଆଦେଶ ପାଇବା ପରେ ପଞ୍ଚାୟତରେ ଚାର୍ଜ ନ ଦେଇ ବହୁ ଦିନ ରହିଲେ। ୧ ଜାନୁୟାରୀ ୨୦୨୨ରେ ନନ୍ଦାହାଣ୍ଡି ବ୍ଲକରେ ଜଏନ କଲେ। ଏହାପରେ ଫେବୃୟାରୀ ୭ରୁ ବିନା ଛୁଟିରେ ହଳଧର ଅନୁପସ୍ଥିତ ରହୁଛନ୍ତି। ହଳଧରଅକ୍ଟୋବର, ନଭେମ୍ବର, ଡିସେମ୍ବର ୨୦୨୧ ଓ ଫେବୃୟାରୀ ୨୦୨୨ର ଦରମା ପାଇ ନାହାନ୍ତି। ଏନେଇ ଜିପିଇଓ ଏମ୍.ଏସ୍. ନାଗଙ୍କୁ ପଚାରିବାରୁ ହଳଧର ଏଠାରେ ଜଏନ କରିବା ଦିନରୁ ଡ୍ୟୁଟିକୁ ଆସୁ ନାହାନ୍ତି ବୋଲି କହିଛନ୍ତି। ଏନେଇ ବ୍ଲକ କାର୍ଯ୍ୟାଳୟରେ ସେକ୍ସନ ଅଫିସର ପ୍ରମୋଦ କୁମାର ଚର୍ଚ୍ଚିଙ୍କୁ ପଚାରିରୁ ତାଙ୍କ ଉପସ୍ଥାପନ ଖାତା ଦେଖାଇ କହିଥିଲେ ଯେ ଫେବୃୟାରୀ ୭ରୁ ହଳଧର ବିନା ଛୁଟିରେ ଅଛନ୍ତି। ସେ ଡ୍ୟୁଟିକୁ ଆସୁନାହାନ୍ତି। ଏନେଇ ପିଇଓ ହଳଧରଙ୍କୁ ପଚାରିବାକୁ ଭତ୍ତା ଟଙ୍କା ଉଠାଇ ହିତାଧିକାରୀଙ୍କୁ ଦେଇଛି। ବକେୟା ୨୬ହଜାର ଟଙ୍କା ବ୍ଲକ କାର୍ଯ୍ୟାଳୟର ତତ୍କାଳୀନ ଆକାଉଣ୍ଟାଣ୍ଟଙ୍କୁ ଦେଇଛି। ମୋର ଆକ୍ୟୁଟାନ୍ସ ଓ କ୍ୟାଶ୍‌ବୁକ ମିଳୁ ନ ଥିବାରୁ ତାହା ଅପ୍‌ଲୋଡ୍ ହୋଇପାରୁ ନାହିଁ। ବହୁତ ଥର କାର୍ଯ୍ୟାଳୟରେ ଖୋଜୁଛି ତାହା ମିଳୁନାହିଁ ବୋଲି କହିଛନ୍ତି।

# ପୌର ନିର୍ବାଚନ ଖବର

## ପ୍ରତିଦ୍ୱନ୍ଦ୍ୱିତା କରିବେ ୬ ଅଧକ୍ଷା, ୫୯ କାଉନ୍‌ସିଲର ପ୍ରାର୍ଥୀ

ଗୁଣପୁର,୧୪।୩(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ପୌର ପରିଷଦ ପାଇଁ ଅଧକ୍ଷା ସମେତ ୧୯ ୱାର୍ଡର କାଉନସିଲର ପଦ ପାଇଁ ୨୪ରେ ମତଦାନ ହେବ। ଏଥିଲାଗି ନାମାଙ୍କନ ପତ୍ର ପ୍ରତ୍ୟାହାର ସୋମବାର ସରିଛି। ପ୍ରାର୍ଥିପତ୍ର ପ୍ରତ୍ୟାହାର ହେବା ପରେ ୬ ଅଧକ୍ଷା ଏବଂ ୫୯ କାଉନ୍‌ସିଲର ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ପ୍ରତିଦ୍ୱନ୍ଦ୍ୱୀତା କରିବା ସ୍ପଷ୍ଟ ହୋଇଛି। ସୋମବାର ୪ ଜଣ ପ୍ରାର୍ଥୀ ସେମାନଙ୍କ ନାମାଙ୍କନ ପତ୍ର ପ୍ରତ୍ୟାହାର କରିଛନ୍ତି। ୧୨ ନଂ. ୱାର୍ଡରୁ ଭାଜପା ପ୍ରାର୍ଥିନୀ ସୋନାଲି ସେନାପତି ଏବଂ ୧୩ ନଂ. ୱାର୍ଡରୁ ଭାଜପାର ରମାକାନ୍ତ ନାୟକ ନାମାଙ୍କନ ପତ୍ର ପ୍ରତ୍ୟାହାର କରିଛନ୍ତି। ଏଥିସହ ଦୁଇ ସ୍ୱାଧୀନ ପ୍ରାର୍ଥୀ ଯଥା ୩ ନଂ. ୱାର୍ଡର ମଞ୍ଜୁଲତା ସାହୁ ଏବଂ ୭ ନଂ. ୱାର୍ଡର ତପନ କୁମାର ପାଣି ସେମାନଙ୍କ ନାମାଙ୍କନ ପତ୍ର ପ୍ରତ୍ୟାହାର କରିଛନ୍ତି। ସେହିପରି ଗତ ୧୦ ତାରିଖରେ ସ୍ୱାଧୀନ ଅଧକ୍ଷା ପ୍ରାର୍ଥିନୀ ପ୍ରମିଳା ଗୌଡ଼ ଓ କାଉନସିଲର ପ୍ରାର୍ଥୀ ୧୭ ନଂ ୱାର୍ଡର କୁସୁମି ଶବର ଏବଂ ୧୧ ତାରିଖରେ ୧୮ନଂ. ୱାର୍ଡର କାଉନସିଲର ପ୍ରାର୍ଥୀ ଦିପାଞ୍ଜଳି ସେଠୀ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଥିଲେ। ଏହିପରି ଜଣେ ସ୍ୱାଧୀନ ଅଧକ୍ଷା ପ୍ରାର୍ଥୀଙ୍କ ସମେତ ୭ କାଉନ୍‌ସିଲର ପ୍ରାର୍ଥୀ ସେମାନଙ୍କ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଛନ୍ତି। ପ୍ରତ୍ୟାହାର ପରେ ଭାଜପା ପୂର୍ବରୁ ଏବେ ୧୪ ୱାର୍ଡରେ ପ୍ରାର୍ଥୀ ରହିଛନ୍ତି। କଂଗ୍ରେସର ୪ଟି ୱାର୍ଡରେ, ବିଜେଡି ପକ୍ଷରୁ ସମସ୍ତ ୧୯ ୱାର୍ଡରେ ପ୍ରାର୍ଥୀ ରହିଛନ୍ତି। ଦଳରୁ ବହିଷ୍କୃତ ହୋଇ ସ୍ୱାଧୀନ ଭାବେ ପୂର୍ବତନ ଏନ୍‌ଏସି ଅଧକ୍ଷ ଶିବ ପ୍ରସାଦ ଗୌଡ଼ ତାଙ୍କ ସ୍ତ୍ରୀଙ୍କୁ ଅଧକ୍ଷା ପ୍ରାର୍ଥୀ କରିଛନ୍ତି। ଶିବ ସମସ୍ତ ୱାର୍ଡରେ କାଉନସିଲର ପ୍ରାର୍ଥୀ ଦେଇଛନ୍ତି। ଅଧକ୍ଷା ପାଇଁ ବିଜେଡିରୁ ସଞ୍ଜୁକ୍ତା ସାହୁ, ଭାଜପାରୁ ୱାଇ. ଅର୍ନପୂର୍ଣ୍ଣା, ସ୍ୱାଧୀନରୁ ପୂର୍ବତନ ଏନ୍‌ଏସି ଅଧକ୍ଷ ଶିବ ଗୌଡ଼ଙ୍କ ସ୍ତ୍ରୀ ମମତା ସାହୁ, କଂଗ୍ରେସର ରିନା ଶବର, ବିଏସ୍‌ପିରୁ ସୁଜାତା ପଟ୍ଟନାୟକ ଏବଂ ଅନ୍ୟତମ ସ୍ୱାଧୀନ ପ୍ରାର୍ଥିନୀ ଭାବେ ସ୍ନିଗ୍ଧାରାଣୀ ପାଣିଗ୍ରାହୀ ଏପରି ୬ ଜଣ ପ୍ରତିଦ୍ୱନ୍ଦ୍ୱୀତା ପାଇଁ ରହିଛନ୍ତି।

## ଚୂଡ଼ାନ୍ତ ତାଲିକାରେ ୧୨ ଅଧକ୍ଷ, ୯୨ କାଉନ୍‌ସିଲର ପ୍ରାର୍ଥୀ

ରାୟଗଡ଼ା ଅଫିସ,୧୪।୩–

ରାୟଗଡ଼ା ପୌର ପରିଷଦ ନିର୍ବାଚନ ପାଇଁ ସୋମବାର ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷଦିନ ଥିଲା। ପୂର୍ବରୁ ୯୪ କାଉନ୍‌ସିଲର ଏବଂ ୧୪ ପୌରାଧକ୍ଷ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିଲେ। ସୋମବାର ୨ ପୌରାଧକ୍ଷ ପ୍ରାର୍ଥୀ ନାମାଙ୍କନ ପତ୍ର ପ୍ରତ୍ୟାହାର କରିଛନ୍ତି। ସେମାନେ ହେଲେ ବ୍ୟାଙ୍କ କଲୋନୀର ଜି. ଗଙ୍ଗାଧର ଏବଂ ଗୌତମ ନଗରର ସି.ବି.ଏନ୍. ମୂର୍ତ୍ତି। ସେହିପରି ୨ କାଉନସିଲର ପ୍ରାର୍ଥୀ ନାମାଙ୍କନ ପତ୍ର ପ୍ରତ୍ୟାହାର କରିଛନ୍ତି। ଦୁହେଁ ହେଲେ ସୟଦ ଜୟମଲ ହକ୍ ଏବଂ ବି. ସୁରେଶ କୁମାର ପଟ୍ଟନାୟକ। ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ନିର୍ବାଚନ ଅଧିକାରୀ ପ୍ରତାପ ଚନ୍ଦ୍ର ପ୍ରଧାନ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ କରିଛନ୍ତି। ଏଥିରେ ୧୨ ପୌରାଧକ୍ଷ ପ୍ରାର୍ଥୀ ଏବଂ ୯୨ କାଉନ୍‌ସିଲର ପ୍ରାର୍ଥୀ ରହିଛନ୍ତି।

## ଗୁଡ଼ାରି ଏନ୍‌ଏସିର ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ

ଗୁଡ଼ାରି,୧୪।୩(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଡ଼ାରି ଏନ୍‌ଏସିରେ ପୌର ନିର୍ବାଚନ ନିମନ୍ତେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ସହରର ୯ ନଂ. ୱାର୍ଡର ଭାଜପା ପ୍ରାର୍ଥିନୀ ସ୍ମିତା ପାଣିଗ୍ରାହୀ ପ୍ରାର୍ଥୀ ପତ୍ର ପ୍ରତ୍ୟାହାର କରିଛନ୍ତି। ଏହାପରେ ୯ ନଂ. ୱାର୍ଡରେ ବିଜେଡି ପ୍ରାର୍ଥିନୀ ସଇଁତାରି କଣ୍ଡାଗିରି ନିର୍ଦ୍ୱନ୍ଦ୍ୱରେ କାଉନ୍‌ସିଲର ନିର୍ବାଚିତ ହୋଇଛନ୍ତି। ସେହିପରି ୪ ନଂ. ୱାର୍ଡର ସ୍ୱାଧୀନ ପ୍ରାର୍ଥୀ ଚିନ୍ମୟ ଗୌଡ଼ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଛନ୍ତି। ଚୂଡ଼ାନ୍ତ ପ୍ରାର୍ଥୀ ତାଲିକାରେ ଗୁଡ଼ାରି ସହରର ୧୧ ୱାର୍ଡ ନିମନ୍ତେ ସାଧୀନ ଏବଂ ବିଭିନ୍ନ ରାଜନୈତିକ ଦଳର ମୋଟ ୩୦ ପ୍ରାର୍ଥୀ ଓ ପ୍ରାର୍ଥିନୀ କାଉନସିଲର ପଦ ପାଇଁ ଲଢ଼େଇ କରିବେ। ସେହିପରି ୪ ପ୍ରାର୍ଥିନୀ ଅଧକ୍ଷା ଆସନ ପାଇଁ ପ୍ରତିଦ୍ୱନ୍ଦ୍ୱୀତା କରିବେ।

## ନାମାଙ୍କନ ପ୍ରତ୍ୟାହାର ପରେ ବିଜେଡିରେ ମିଶିଲେ ସ୍ୱାଧୀନ ପ୍ରାର୍ଥୀ



ବିଜେଡି ନେତାଙ୍କ ମଧ୍ୟରେ ମନୋଜ ସଗରିଆ।

ନବରଙ୍ଗପୁର,୧୪।୩(ବି.ପ୍ର.)

ନବରଙ୍ଗପୁର ପୌର ଅଧକ୍ଷ ପଦ ପାଇଁ ୭ ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିଲେ। ଜଣେ ସ୍ୱାଧୀନ ପ୍ରାର୍ଥୀ ନିଜ ନାମଙ୍କନ ପ୍ରତ୍ୟାହାର କରି ବିଜେଡିରେ ମିଶିଛନ୍ତି। ସେ ହେଲେ ମନୋଜ ସାଗରିଆ। ବିଜେଡିରୁ ଭୀମ ହରିଜନ, ଭାଜପାର କୁନୁ ନାୟକ, କଂଗ୍ରେସର ନିଲମ ହରିଜନଙ୍କ ସମତେ ସ୍ୱାଧୀନଭାବେ ମନୋଜ ସାଗରିଆ, ସରୋଜ ବେହେରା ଅରୁଣ ପୂଜାରୀ ଓ ସାଗର ନାୟକ ପ୍ରାର୍ଥିପତ୍ର ଦଖେଲ କରିଥିଲେ। ସୋମବାର ମନୋଜ, ସରୋଜ ଓ ଅରୁଣ ନାମାଙ୍କନ ପ୍ରତ୍ୟାହାର କରିଥିଲେ। ଏହାପରେ ମନୋଜ ବିଜେଡିରେ ମିଶିଛନ୍ତି। ମନୋଜ ଭାଜପାରୁ ପ୍ରାର୍ଥୀ ପାଇଁ ଆଶାୟୀ ହୋଇଥିଲେ। କୁନୁ ନାୟକକୁ ଭାଜପା ପ୍ରାର୍ଥୀ କରିବା ପରେ ମନୋଜ ସ୍ୱାଧୀନ ପ୍ରାର୍ଥୀ ହୋଇଥିଲେ। ମନୋଜ ନିର୍ବାଚନ ଲଢ଼ିଲେ ବିଜେଡି ଭୋଟ ବିଭାଜନ ହେବା ସମ୍ଭାବନା ଥିଲା। ସେ ବିଜେଡିରେ ସାମିଲ ହେବାପରେ ଭୀମଙ୍କ ପାଇଁ ପଥ ପରିଷ୍କାର ହୋଇଛି। ସ୍ଥାନୀୟ ଏକ ଲଜରେ ଆୟୋଜିତ କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ପୂର୍ବତନ ଏମ୍‌ପି ପ୍ରଦୀପ ମାଝି, କରାପୁଟ ଜୋନ ଯୁବ ସଭାପତି ତାପଶ ତ୍ରିପାଠୀ, ଭୀମ ହରିଜନ, ନବରଙ୍ଗପୁର ପର୍ଯ୍ୟବେକ୍ଷକ ଦେବାଶିଷ ପାତ୍ର ଉପସ୍ଥିତ ଥିଲେ।

## ଉମରକୋଟରେ ୪ ଅଧକ୍ଷ, ୪୫ କାଉନ୍‌ସିଲର ପ୍ରାର୍ଥୀ

ଉମରକୋଟ, ୧୪।୩(ସ୍ୱ.ପ୍ର.)

ଉମରକୋଟ ପୌର ନିର୍ବାଚନରେ ପାର୍ଥିପତ୍ର ପ୍ରତ୍ୟାହାର ପାଇଁ ସୋମବାର ଥିଲା ଶେଷ ଦିନ। ସ୍ୱାଧୀନ ପ୍ରାର୍ଥୀଭାବେ ନାମାଙ୍କନ ଦାଖଲ କରିଥିବା ମୋହିନୀ ପୂଜାରୀ ନିଜ ନାମାଙ୍କନ ପ୍ରତ୍ୟାହାର କରିଛନ୍ତି। ବର୍ତ୍ତମାନ ଅଧକ୍ଷା ପଦବୀ ପାଇଁ ୪ ଜଣ ନିର୍ବାଚନ ମଇଦାନରେ ଅଛନ୍ତି। ସେମାନେ ହେଲେ ବିଜେଡିରୁ ରାଧା ଭତରା, ଭାଜପାରୁ ରିଙ୍କି ଗଣ୍ଡ, କଂଗ୍ରେସରୁ ଦମୟନ୍ତୀ ବିଶାରି ଓ ବିଏସ୍‌ପିରୁ ସନ୍ତୋଷୀ ମାଝି। ସେହିପରି ୧୪ ଟି ୱାର୍ଡ଼ ପାଇଁ ୪୭ ଜଣ କାଉନ୍‌ସିଲର ନାମାଙ୍କନ ଦାଖଲ କରିଥିଲେ। ୯ ନମ୍ବର ୱାର୍ଡର ସାବିତ୍ରୀ ମାଝି ଓ ୧୦ ନମ୍ବର ୱାର୍ଡର ମଞ୍ଜୁ ନାୟକ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଛନ୍ତି। ଉମରକୋଟର ୧୪ ୱାର୍ଡରେ ୨୩୭୧୮ ଭୋଟର ଅଛନ୍ତି। ୨୪ରେ ନିର୍ବାଚନ ଓ ଉମରକୋଟ ପେଣ୍ଡ୍ରାଣୀ କଲେଜରେ ୨୬ରେ ଭୋଟ ଗଣତି ହେବ।

## ନାମାଙ୍କନ ପ୍ରତ୍ୟାହାର କଲେ ୩ ଅଧକ୍ଷ, ୩ କାଉନ୍‌ସିଲର ପ୍ରାର୍ଥୀ

ନବରଙ୍ଗପୁର , ୧୪।୩ (ବି.ପ୍ର.)

ଚଳିତ ପଞ୍ଚାୟତ ନିର୍ବାଚନରେ ସୋମବାର ପ୍ରାର୍ଥୀମାନେ ସେମାନଙ୍କ ନାମାଙ୍କନ ପ୍ରତ୍ୟାହାର କରିଛନ୍ତି। ଏଥିସହ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ନବରଙ୍ଗପୁର ପୌର ନିର୍ବାଚନରେ ଅଧକ୍ଷ ପଦ ପାଇଁ ନାମାଙ୍କନ ଦାଖଲ କରିଥିବା ୩ ଜଣ ସ୍ୱାଧୀନ ପ୍ରାର୍ଥୀ ମନୋଜ ସାଗରିଆ, ସରୋଜ ବେହେରା ଅରୁଣ ପୂଜାରୀ ସେମାନଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହର କରିଛନ୍ତି। ଏଥିସହ ୩ଜଣ କାଉନସିଲର ପ୍ରାର୍ଥୀ ୬ନଂ ୱାର୍ଡର ଜିତେନ୍ଦ୍ର ସାହୁ (ସ୍ୱାଧୀନ), ୭ନଂ ୱାର୍ଡର ଡ଼ି. କ୍ରିଷ୍ଣା (ସ୍ୱାଧୀନ) ଏବଂ ୧୫ ନଂ ୱାର୍ଡର ଅମୀର କୁମାର ସ୍ୱାଇଁ (ସ୍ୱାଧୀନ) ନାମାଙ୍କନ ପ୍ରତ୍ୟାହାର କରିଛନ୍ତି। ନବରଙ୍ଗପୁରର ୧୭ ୱାର୍ଡରେ ୨୪, ୭୮୫ ଭୋଟର ଥିବା ନେଇ ନିର୍ବାଚନ ଅଧିକାରୀ ଅଭିମନ୍ୟୁ ମାଝି ସୂଚନା ଦେଇଛନ୍ତି।

**ଶ୍ରୀରାମ ନବମୀ ପ୍ରସ୍ତୁତି ବୈଠକ**

ଦାମନଯୋଡି,(ଡି.ଏନ.ଏ.)- ଆସନ୍ତା ଏପ୍ରିଲ ୧୦ରେ ନାଲକୋ ଟାଉନଶିପ ସେକ୍ଟର -୧ ମାରୁତି ମଣ୍ଡପରେ ପ୍ରସିଦ୍ଧ ଶ୍ରୀରାମ ନବମୀ ଉତ୍ସବ ଅନୁଷ୍ଠିତ ହେବା ଏନେଇ ଶ୍ରୀରାମ ନବମୀ ଉତ୍ସବ କମିଟି ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ହୋଇଛି। ଚଳିତ ବର୍ଷ ଏକ ଦିବସୀୟ ଉତ୍ସବ, ଚାରି ପ୍ରହର ନାମଯଜ୍ଞ, ହୋମ ଆଦି ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଛି। ବୈଠକରେ ଉତ୍ସବ କମିଟି ସଭାପତି ତରୁଣ ନାୟକ, ସମ୍ପାଦକ ଅନାମ ଚରଣ ନାୟକ, କୋଷାଧ୍ୟକ୍ଷ ଶୁକଦେବ ପଟ୍ଟାୟତ, କୃଷ୍ଣଚନ୍ଦ୍ର ପରିଡା, ରଞ୍ଜନ ବେହେରା,ସୁଜିତ ଜେନା,ଦୀନେଶ ଶୁକ୍ଲାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଦିବ୍ୟାଙ୍ଗ ଜୟନ୍ତଙ୍କୁ ମିଳୁନି ସହାୟତା

ଜୟପୁର, ୧୪।୩ (ନି.ପ୍ର.)- ସମାଜିକ କର୍ମୀ ହରି ରାଓ, ଜି. ମେହଶ, ବିମଳ ପଟ୍ଟନାୟକ, ତପସ୍ୱିନି କୁମାର ସାହୁ ପ୍ରମୁଖ ଦିବ୍ୟାଙ୍ଗ ଜୟନ୍ତ ପାଠୀଙ୍କୁ ରିମୋଟ କଣ୍ଟ୍ରୋଲ ସହ ପାୱାର ହୁଇଲ ଚେୟାର ଯୋଗାଇ ଦେବାକୁ ଉପଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଏନେଇ ଉପଜିଲାପାଳଙ୍କ ଜରିଆରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପାଇକ ସାହି ତୃତୀୟ ଲାଇନରେ ରହୁଥିବା ଜୟନ୍ତ ୯୦ ପ୍ରତିଶତ ଦିବ୍ୟାଙ୍ଗ ହୋଇଥିବା ବେଳେ ସେ ନିଜର ଦୈନନ୍ଦିନ କାର୍ଯ୍ୟ କରିବାକୁ ଅକ୍ଷମ। ସେ ସର୍ବଦା ଶୋଇ ରହୁଛନ୍ତି। ଚଳ ପ୍ରଚଳ ନ ହୋଇ ପାରିବାରୁ ତାଙ୍କ ଦେହ ସାରା ଘା' ହୋଇଗଲାଣି। ଏନେଇ ୪ ମାସ ହେଲା ପ୍ରଶାସନ ନିକଟରେ ଦାବି କରାଯାଇଥିଲେ ମଧ୍ୟ କିଛି ପଦକ୍ଷେପ ନିଆଯାଇନାହିଁ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି।

### ପୁରସ୍କାର ବିତରଣୀ ଉତ୍ସବ

ଜୟପୁର, ୧୪।୩ (ନି.ପ୍ର.)- ଭାରତର ଅମୃତ ମହୋତ୍ସବ ଅବସରରେ ସମ୍ଭାରତୋଟାସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରିୟ ବିଶ୍ୱ ବିଦ୍ୟାଳୟଳୟ ପକ୍ଷରୁ ଶିବ ଜ୍ୟୋତି ଭବନରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସିଡିପିଓ ପ୍ରଭାତିରାଣୀ ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ରାଜଯୋଗିନୀ ବ୍ରହ୍ମା କୁମାରୀ ଜୟନ୍ତୀ, ସମ୍ମାନିତ ଅତିଥି ରୂପେ ନାରାୟଣୀ ପଟ୍ଟନାୟକ, ପଦ୍ମା ସାହୁ, ମମତାରାଣୀ ରାଉତ, ଜୋସ୍ନାରାଣୀ ମିଶ୍ର, ସୋନାଲି ଜେନା ପ୍ରମୁଖ ଉପସ୍ଥିତ ଥିଲେ । ପୂର୍ବରୁ ଅନୁଷ୍ଠିତ ହୋଇଥିବା ରଙ୍ଗୋଲି ଓ ମେହେନ୍ଦି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

### ଦାର୍ଶନିକ କାର୍ଲମାକ୍ସଙ୍କ ମୃତ୍ୟୁବାର୍ଷିକୀ ପାଳିତ



ବୈପାରିଗୁଡା, ୧୪।୩(ଡି.ଏନ.ଏ.)- ମହାନ ଦାର୍ଶନିକ କାର୍ଲମାକ୍ସଙ୍କ ୧୩୯ତମ ମୃତ୍ୟୁବାର୍ଷିକୀ ଅବସରରେ ଏସ୍‌ୟୁସିଆଇ କମ୍ୟୁନିଷ୍ଟ ପାର୍ଟି କୋରାପୁଟ ଜିଲା କମିଟି ପକ୍ଷରୁ ସୋମବାର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । କାର୍ଲମାକ୍ସଙ୍କ ଫଟୋ ଚିତ୍ରରେ ପାର୍ଟିର ସଦସ୍ୟମାନେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାର୍ଲମାକ୍ସଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଏକ ଶୋଷଣ ବିହୀନ ସାମାଜିକ ବ୍ୟବସ୍ଥା ପ୍ରତିଷ୍ଠା ପାଇଁ ବକ୍ତାମାନେ ଆହ୍ୱାନ ଦେଇଥିଲେ। କମ୍ରେଡ୍ ସୂର୍ଯ୍ୟ ନାରାୟଣ ବିଶୋୟୀ ,ଗୋପୀନାଥ ଦୋରା, ଭୀମ ବାରିକ, ପ୍ରମିଳା ପୂଜାରୀ, ଲକ୍ଷ୍ମୀ ବାରିକ, ଜଗା ହରିଜନ,ଦଶରଥ ଖିଲ ପ୍ରମୁଖ ଉପସ୍ଥିତ ଥିଲେ।

### ପ୍ରାର୍ଥିପତ୍ର ପ୍ରତ୍ୟାହାର କରି ବିଜେଡିରେ ମିଶିଲେ ସ୍ୱାଧୀନ ପ୍ରାର୍ଥୀ

ମାଲକାନଗିରି,୧୪।୩ (ଡି.ଏନ୍.ଏ.)- ମାଲକାନଗିରି ପୌର ନିର୍ବାଚନରେ ୧୫ନଂ. ୱାର୍ଡରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରାର୍ଥିପତ୍ର ଦାଖଲ କରିଥିବା ରତନ ମଣ୍ଡଳ



ସୋମବାର ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ଦିବସରେ ତାଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିନେଇଛନ୍ତି। ଏଥିସହ ମଣ୍ଡଳ ନିଜ ୫୦ ଜଣ ସମର୍ଥକଙ୍କ ସହ ବଜେଡିରେ ସାମିଲ ହୋଇଛନ୍ତି। ବିଜେଡିର ହୃଦାନନ୍ଦ ସାହୁ, ବୁନା ରାଓ, ବିକାଶ ଦାସ, ନାଥନ ବାଲା, ସୁରେନ୍ଦ୍ର ବେମଲ, ଲାଛନା ରାଓ, ଗଣେଶ ସାହା, ମନୋଜ ପଟ୍ଟନାୟକ, ଦୁର୍ଗା ପ୍ରସାଦ ତ୍ରିପାଠୀଙ୍କ ଉପସ୍ଥିତିରେ ସେ ଓ ତାଙ୍କ ସମର୍ଥକମାନେ ବିଜେଡିରେ ସାମିଲ ହୋଇଥିବା ଜଣାପଡିଛି।

### ବିଜେଡିରେ ମିଶିଲେ ଅନ୍ୟ ଦଳର କର୍ମୀ

ଡାବୁଗାଁ,୧୪।୩(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ସଦରସ୍ଥିତ ଏକ ହୋଟେଲରେ ବିଜେଡି ପକ୍ଷରୁ ରବିବାର ଏକ ମିଶ୍ରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡାବୁଗାଁ ବିଧାୟକ ମନୋହର ରନ୍ଧାରୀଙ୍କ ଉପସ୍ଥିତର ଡାବୁଗାଁର ଟି. ମୁରଲୀ ରାଓ ତାଙ୍କ ସହଯୋଗୀଙ୍କ ସହ ଅନୁଷ୍ଠାନିକ ଭାବେ ବିଜେଡିରେ ସାମିଲ ହୋଇଛନ୍ତି। ଏହି ସଭାରେ ଡାବୁଗାଁ ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ଏମ୍‌ପିଙ୍କ ପ୍ରତିନିଧି ଏମ୍. ଆପ୍ପାରାଓ, ବିଧାୟକଙ୍କ ପ୍ରତିନିଧି ଏମ୍. ବୁଲୁ ରାଓ, କୈଳାସ ବିଶୋୟୀ, ପି. ନାଗା ରାଓଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ସମସ୍ୟାରେ ପରଜାପୁକି ଛାତ୍ରୀନିବାସ

**ଦଶମନ୍ତପୁର, ୧୪।୩ (ଡି.ଏନ.ଏ.)**

- ନଳକୂପ ପାଣି ପିଇବା ଉପଯୋଗୀ ହେଉନାହିଁ
- ବିଦ୍ୟୁତ୍ ସମସ୍ୟା ଯୋଗୁ ଭୟରେ ରହୁଛନ୍ତି ଛାତ୍ରୀ
- ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ ହେବ:ସୁପରିଟେଣ୍ଡେଣ୍ଟ

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପରଜାପୁକି ଆଦର୍ଶ ବିଦ୍ୟାଳୟରେ ହୋଇଥିବା ଶହେ ଶଯ୍ୟାବିଷ୍ଟ ଛାତ୍ରୀ ନିବାସ ବିଭିନ୍ନ ସମସ୍ୟାରେ ରହିଛି। ଏହି ବିଦ୍ୟାଳୟଟି ୨୦୧୬ରେ ସ୍ଥାପିତ ହୋଇଥିବା ବେଳେ ଚଳିତବର୍ଷ ଏଠାରେ ୧୦୦ ଜଣ ଅନ୍ତେବାସୀ ଛାତ୍ରୀ ରହି ପାଠ ପଢ଼ିବା ବ୍ୟବସ୍ଥା କରାଯାଇଛି। ବର୍ତ୍ତମାନ ସୁଦ୍ଧା ବିଦ୍ୟାଳୟରେ ୫୫ ଜଣ ଛାତ୍ରୀ ହଷ୍ଟେଲ ରହିବା ଲାଗି ନାମ ଲେଖାଇ ରହିଛନ୍ତି। ଏଠାରେ ରହୁଥିବା ଅନ୍ତେବାସୀ ପାନୀୟ ଜଳ ପାଇଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଠାରେ ଥିବା ନଳକୂପ ପାଣି ପିଇବା ଉପଯୋଗୀ ହେଉନାହିଁ। ଛାତ୍ରୀନିବାସରେ ବିଦ୍ୟୁତ୍ ସମସ୍ୟା ମଧ୍ୟ



ପରଜାପୁକି ଛାତ୍ରୀନିବାସ।

ରହିଛି। ସେମାନଙ୍କୁ ନିୟମିତ ବିଦ୍ୟୁତ୍ ଆଲୋକ ମିଳୁନାହିଁ। ଜଙ୍ଗଲ ମଧ୍ୟରେ ଏହି ଛାତ୍ରୀନିବାସ ହୋଇଥିବାରୁ ସନ୍ଧ୍ୟା ହେଲେ ବିଦ୍ୟୁତ୍ ନ ଥିଲେ ଛାତ୍ରୀମାନେ ଭୟରେ ରାତି କାଟୁଛନ୍ତି। ଗତ ୩ ଦିନ ହେଲା ଛାତ୍ରୀନିବାସରେ ବିଦ୍ୟୁତ୍ ନ ଥିଲା। ଫଳରେ ଛାତ୍ରୀମାନେ ଛାତ୍ରୀନିବାସ ଛାଡି ଚାଲିଯିବାକୁ ନିଷ୍ପତ୍ତି ନେଇଥିଲେ। ଏଠାରେ ଛାତ୍ରୀଙ୍କ ପାଇଁ ଖେଳ ପଡିଆ ବ୍ୟବସ୍ଥା ମଧ୍ୟ ନାହିଁ। ଏସମ୍ପର୍କରେ ହଷ୍ଟେଲ ଦାୟିତ୍ୱରେ ଥିବା ସୁପରିଟେଣ୍ଡେଣ୍ଟ ଶୁଭଶ୍ରୀ ନାୟକଙ୍କୁ ପଚାରିବାରୁ ସେ କହିଲେ ଯେ, ଏଠାରେ କିଛି କିଛି ସମସ୍ୟା ରହିଛି। ସମସ୍ୟା ସମ୍ପର୍କରେ ଆମେ ବିଭାଗକୁ ଅବଗତ କରାଇଛୁ। ଅଳ୍ପ ଦିନ ମଧ୍ୟରେ ସମସ୍ୟା ସମାଧାନ ହୋଇଯିବ। ଏସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ଦୟାସିନ୍ଧୁ ବାଘଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଛାତ୍ରୀନିବାସ ପାଇଁ ଜେନେରେଟର, ପାଣି ପାଇଁ ସୋଲାର ପମ୍ପ ସଂଯୋଗ, ଖେଳ ପଡିଆ ବ୍ୟବସ୍ଥା ସମ୍ପର୍କରେ ପ୍ରଶାସନକୁ ଲିଖିତ ଭାବେ ଅବଗତ କରାଯାଇଛି। ଖୁବ ଶୀଘ୍ର ସମସ୍ୟାର ସମାଧାନ ହୋଇଯିବ ସେ କହିଛନ୍ତି।

## ୫ କୁଇଣ୍ଟାଲ ଗଞ୍ଜେଇ ଜବତ, ୨ଗିରଫ





**ମାଲକାନଗିରି/ଚିତ୍ରକୋଣ୍ଡା, ୧୪।୩ (ଡି.ଏନ୍.ଏ.)**

ଗଞ୍ଜେଇ ଚୋରା ଚାଲାଣ ବେଳେ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପୋଲିସ ସୋମବାର ୫କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଟ୍ରକ ଡ୍ରାଇଭର ଉତ୍ତର ପ୍ରଦେଶର ଉମା ଶଙ୍କର ଯାଦବ ଓ ହେଲପର ସଞ୍ଜୟ ଗିରି। ଖବରରୁ ଜଣାପଡିଛି ରବିବାର ରାତିରେ ପୋଲିସ ଚିତ୍ରକୋଣ୍ଡା–ବାଲିମେଳା ରାସ୍ତାରେ ପାଟ୍ରୋଲିଂ କରୁଥିବା ସମୟରେ ଚିତ୍ରକୋଣ୍ଡା ପଟୁ ଏକ ଟ୍ରକ ଦ୍ରୁତ ଗତିରେ ଆସୁଥିବା ଦେଖି ଏହାକୁ ଅଟକାଇ ଯାଞ୍ଚ କରିଥିଲା। ଟ୍ରକରେ ରିଲାୟନ୍ସ କମ୍ପାନୀର କିଛି ସାମଗ୍ରୀ ଥିବା ସହ ୨୦ ବସ୍ତା ଗଞ୍ଜେଇ ମଧ୍ୟ ଥିଲା। ପୋଲିସ ଗଞ୍ଜେଇ ଜବତ କରି ଟ୍ରକ ଡ୍ରାଇଭର ଓ ହେଲପରଙ୍କୁ ଗିରଫ କରିଥିଲା। ଜବତ ଗଞ୍ଜେଇର ପରିମାଣ ୫କୁଇଣ୍ଟାଲ ୬୦୦ ଗ୍ରାମ ବୋଲି ଜଣାପଡିଛି। ଏହି ଟ୍ରକ ବିହାରର ପାଟଣା ଯାଉଥିଲା। ଜବତ ଗଞ୍ଜେଇର ବଜାର ମୂଲ୍ୟ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ। ଅଭିଯୁକ୍ତଙ୍କଠାରୁ ୨୯୦୦ ଟଙ୍କା, ଏଟିଏମ କାର୍ଡ, ଭୋଟର ଆଇଡି କାର୍ଡ, ଦୁଇଟି ମୋବାଇଲ ଫୋନ ଜବତ ହୋଇଥିବା ଚିତ୍ରକୋଣ୍ଡା ଏସ୍‌ଡିପିଓ ଅଂଶୁମାନ ଦ୍ୱିବେଦୀ କହିଛନ୍ତି।

## ଜନଶୁଣାଣି ସମ୍ପର୍କରେ ଲୋକଙ୍କୁ ଜଣାଉନି ବ୍ଲକ ପ୍ରଶାସନ

**କୁନ୍ଦୁରା,୧୪।୩ ( ଡି.ଏନ.ଏ. )**

କୁନ୍ଦୁରା ବ୍ଲକରେ ପ୍ରତେକ ପଞ୍ଚାୟତରେ ଜନ ଶୁଣାଣି ବ୍ୟବସ୍ଥା ପ୍ରଶାସନ ପକ୍ଷରୁ କରାଯାଇଛି। ଏଥିରେ ଜନ ସାଧାରଣ ଭାଗ ନେଇ ବ୍ୟକ୍ତିଗତ ଓ ସାମୁହିକ ସମସ୍ୟା ଅଧିକାରୀମାନଙ୍କୁ ଜଣାଇ ଏହାର ସମାଧାନ ଆଶା କରିଥାନ୍ତି। ମାତ୍ର ଏହି ଜନଶୁଣାଣି ଲାଗି ଜନସାଧାରଣଙ୍କୁ ଠିକ୍ ରୂପେ ଅବଗତ କରାଯାଉନାହିଁ। କେବଳ ବିଦ୍ୟୁତ୍ ବିଭାଗକୁ ବାଦ ଦେଲେ ଅନ୍ୟ କୌଣସି ବିଭାଗ ଏ ସମ୍ପର୍କରେ ଲୋକଙ୍କୁ ଡାକବାଜି ଯନ୍ତ୍ରରେ ପ୍ରଚାର କରି ଜଣାଉ ନ ଥିବା ଅଭିଯୋଗ ହେଉଛି। ଗତ ୭ତାରିଖରେ ତାରିଖ ଜନଶୁଣାଣି ପାଇଁ କେବଳ ବିଦ୍ୟୁତ୍ ବିଭାଗକୁ ଛାଡିଦେଲେ ଅନ୍ୟ କୌଣସି ବିଭାଗ ପଞ୍ଚାୟତବାସୀଙ୍କୁ ସୂଚନା ଦେଇ ନ ଥିଲେ। ସୋମବାର ଫୁଲଭଟ୍ଟା ପଞ୍ଚାୟତରେ ଜନଶୁଣାଣି ଆୟୋଜନ ହୋଇଥିବା ବିଷୟ କେବଳ ବିଦ୍ୟୁତ୍ ବିଭାଗ ମାଧ୍ୟମରେ ଅଳ୍ପ କିଛି ଲୋକ ଜାଣିବାକୁ ପାଇଛନ୍ତ। ମାତ୍ର ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଦ୍ୱାରା ପଞ୍ଚାୟତରେ କୌଣସି ଆଗୁଆ ସୂଚନା ମିଳି ନ ଥିବା ଲୋକେ ଅଭିଯୋଗ କରିଛନ୍ତି । ଜନଶୁଣାଣି କେବଳ କାଗଜପତ୍ରରେ ଦର୍ଶାଇବା ପାଇଁ କରାଯାଉଛି। ବ୍ଲକରେ କୌଣସି ସମସ୍ୟା ନାହିଁ ସବୁ ଠିକ ଚାଲିଥିବା ଦର୍ଶାଇବା ଲାଗି ଏଭଳି ବ୍ୟବସ୍ଥା କରୁଛି ବ୍ଲକ ପ୍ରଶାସନ। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ବରୁ ଜନଶୁଣାଣି ବ୍ଲକରେ କିମ୍ବା ପଞ୍ଚାୟତ ସ୍ତରରେ ହେଲେ ଆଗୁଆ ସୂଚନା ନୋଟିସ ମାଧ୍ୟମରେ ଡାକବାଜି ଯନ୍ତ୍ରରେ ପ୍ରଚାର କରି ଲୋକଙ୍କୁ ଅବଗତ କରାଯାଉଥିଲା। ଏବେ ସେଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏ ସମ୍ପର୍କରେ ବିଡିଓ ସ୍ନେହପ୍ରଭା ମାଝୀଙ୍କୁ ପଚାରିବାକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ନ ଥିଲା।

## ୪ ପୌରାଞ୍ଚଳରୁ ୫ ଅଧ୍ୟକ୍ଷ, ୩୨ କାଉନସିଲର ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହାର

**କୋରାପୁଟ/ଜୟପୁର/ସୁନାବେଡା, ୧୪।୩(ସ୍ୱ.ପ୍ର./ନି.ପ୍ର)–**

**କୋରାପୁଟ ଜିଲା**

ସୋମବାର ପୌର ନିର୍ବାଚନ ନେଇ ପ୍ରାର୍ଥିପତ୍ର ପ୍ରତ୍ୟାହାର ଦିବସ ଥିଲା। କୋରାପୁଟ ଜିଲାର ୪ ପୌରାଞ୍ଚଳ ୫ ଜଣ ଅଧ୍ୟକ୍ଷ ପ୍ରାର୍ଥୀ ଓ ୩୨ ଜଣ କାଉନସିଲର ପ୍ରାର୍ଥୀ ନିଜ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଥିବା ଜଣାଯାଇଛି । ସେଥିରୁ କୋରାପୁଟ ମ୍ୟୁନିସିପାଲିଟିରେ ଜଣେ ସ୍ୱାଧୀନ ଅଧ୍ୟକ୍ଷ ପ୍ରାର୍ଥୀ ଓ ୧୦ ଜଣ କାଉନସିଲର ପ୍ରାର୍ଥୀ ସେମାନଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଥିବାବେଳେ ଜୟପୁର ମ୍ୟୁନିସିପାଲିଟିରେ ଜଣେ ଅଧ୍ୟକ୍ଷ ପ୍ରାର୍ଥୀ ଓ ୧୦ ଜଣ କାଉନସିଲର ପ୍ରାର୍ଥୀ ସେମାନଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଛନ୍ତି। ସେହିପରି ସୁନାବେଡା ମ୍ୟୁନିସିପାଲିଟିରେ ୩ ଜଣ ଅଧ୍ୟକ୍ଷ ପ୍ରାର୍ଥୀ ଓ ୭ ଜଣ କାଉନସିଲର ପ୍ରାର୍ଥୀ ନିଜ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଥିବାବେଳେ କୋଟପାଡ ଏନଏସିର ୫ ଜଣ କାଉନସିଲର ପ୍ରାର୍ଥୀ ସେମାନଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଥିବା ଜଣାଯାଇଛି । ବର୍ତ୍ତମାନ ନିର୍ବାଚନ ମଇଦାନରେ କୋରାପୁଟ ମ୍ୟୁନିସିପାଲିଟିରୁ ୪ ଜଣ ଅଧ୍ୟକ୍ଷ ଓ ୮୦ ଜଣ କାଉନସିଲର ପ୍ରାର୍ଥୀ ରହିଥିବାବେଳେ ଜୟପୁର ମ୍ୟୁନିସିପାଲିଟିରୁ ୧୮ ଜଣ ଅଧ୍ୟକ୍ଷ ଓ ୧୧୮ ଜଣ କାଉନସିଲର ପ୍ରାର୍ଥୀ , ସୁନାବେଡା ମ୍ୟୁନିସିପାଲିଟିରୁ ୧୪ ଜଣ ଅଧ୍ୟକ୍ଷ ଓ ୯୩ ଜଣ କାଉନସିଲର ପ୍ରାର୍ଥୀ ଓ କୋଟପାଡ ଏନଏସିରେ ୫ ଜଣ ଅଧ୍ୟକ୍ଷ ପ୍ରାର୍ଥୀ ଓ ୪୩ ଜଣ କାଉନସିଲର ପ୍ରାର୍ଥୀ ନିର୍ବାଚନ ମଇଦାନରେ ରହିଛନ୍ତି।

## ବିଏସ୍‌ଏଫ୍ ପକ୍ଷରୁ ଜନସମ୍ପର୍କ ଶିବିର

**ଚିତ୍ରକୋଣ୍ଡା,୧୪।୩(ଡି.ଏନ.ଏ.)**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଭୁକ୍ତ ବଡ଼ପଦର ପଞ୍ଚାୟତର ସାରିଆପାଲିଠାରେ ବିଏସ୍‌ଏଫ୍ ପକ୍ଷରୁ ଏକ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିର ଅବସରରେ ବଡ଼ପଦର ସମେତ ଆଖପାଖ ଅଞ୍ଚଳର ୧୫ଟି ଗ୍ରାମ ମଧ୍ୟରେ ଭଲିବଲ ପ୍ରତିଯୋଗିତା ହୋଇଥିଲା। ବିଏସ୍‌ଏଫ୍ କମାଣ୍ଡାଣ୍ଟ ବିନୋଦ ସରିନ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ବିଏସ୍‌ଏଫ୍ ଆଇଜି ସତୀଶ ଚନ୍ଦ୍ର ବୁଢ଼ାକୋଟି ଓ ମାଲକାନଗିରି ବିଏସ୍‌ଏଫ୍ ଡିଆଇଜି ଶୈଳେନ୍ଦ୍ର କୁମାର ସିଂହ୍ନା ଉପସ୍ଥିତ ଥିଲେ। ସାରିଆପାଲି ବିଦ୍ୟାଳୟ ଛାତ୍ରୀମାନେ ବିଏସ୍‌ଏଫ୍ ଆଇଜିଙ୍କୁ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ





ଅତିଥିମାନେ ଜଣେ ଯୁବକଙ୍କୁ ସାମଗ୍ରୀ ପ୍ରଦାନ କରୁଛନ୍ତି।

ବିଏସ୍‌ଏଫ୍ ପକ୍ଷରୁ ଗ୍ରାମବାସୀଙ୍କୁ ବିଭିନ୍ନ ସାମଗ୍ରୀ ଛତା, କମ୍ବଳ, ଭଲିବଲ ସେଟ, ପାଣି ଫିଲଟର, ପାଠ୍ୟ ଉପକରଣ, କପଡ଼ା, ଘର ଉପକରଣ ଆଦି ସାମଗ୍ରୀ ବଣ୍ଟନ କରାଯାଇଥିଲା । ଉପସ୍ଥିତ ଅତିଥିମାନେ ଭଲିବଲ ଟୁର୍ନାମେଣ୍ଟରେ ବିଜୟୀ ଟିମ୍‌କୁ ପୁରସ୍କୃତକରିଥିଲେ। ଡେପୁଟିକମାଣ୍ଡାଣ୍ଟ ଏସ୍. ମହାପାତ୍ର ଶିବିର ପରିଚାଳନା କରିଥିଲେ।

## ଅଭୟ ଆଞ୍ଜେନେୟଙ୍କ ବାର୍ଷିକ ଉତ୍ସବ

**ଦାମନଯୋଡି, ୧୪।୩(ଡି.ଏନ.ଏ.)**

ପବିତ୍ର ଫାଲଗୁନ ଶୁକ୍ଳ ଏକାଦଶୀ ଅବସରରେ ନାଲକୋ ଟାଉନଶିପସ୍ଥିତ ଅଭୟ ଆଞ୍ଜେନେୟଙ୍କ ୫ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୨୦୧୭ ଆଜିର ଦିନରେ ପୁରୀ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବଙ୍କ ଉପସ୍ଥିତିରେ ଏଠାରେ ମନ୍ଦିର ପ୍ରତିଷ୍ଠା ହୋଇଥିଲା। ୪୫ଇଞ୍ଚର ଶ୍ରୀ ହନୁମାନଙ୍କ ଅଷ୍ଟଧାତୁ ବିଗ୍ରହ ସହିତ ୧୦୮ଫୁଟ ୯ଇଞ୍ଚ ର ଏକ ବିଶାଳ ମୂର୍ତ୍ତି ସ୍ଥାପିତ ହୋଇଥିଲା। ସକାଳେ ସୂର୍ଯ୍ୟ ପୂଜା ପରେ ଅଷ୍ଟଧାତୁ ମୂର୍ତ୍ତିଙ୍କୁ କ୍ଷୀର, ମହୁ, ପଇଡ଼ ଜଳ, ତୀର୍ଥଜଳ, କଦଳୀ, ସିନ୍ଦୁର ଓ ହଳଦୀ ଆଦିରେ ମହାସ୍ନାନ କରାଯାଇ ବେଶ ଅନୁଷ୍ଠିତ ହୋଇଥିଲା। ଘଟ ମଣ୍ଡଳ ପୂଜା, ଶ୍ରୀରାମ ଓ ଶ୍ରୀହନୁମାନଙ୍କ ଷୋଡଶ ଉପଚାର ପୂଜା, ରୁଦ୍ରାଭିଷେକ ଓ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ବିନୟ ମିଶ୍ର, ପଣ୍ଡିତ ଜନାର୍ଦ୍ଦନ ମିଶ୍ର,ପଣ୍ଡିତ ନରେନ୍ଦ୍ର ନାଥ ପତି ଓ ପଣ୍ଡିତ ଶ୍ରୀଧର କୁମାର ଦାଶ, ପୂଜକ ବଳରାମ ରଥ ଓ ପ୍ରଭାତ ପଣ୍ଡା ପୂଜନୀତି ସମ୍ପନ୍ନ କରିଥିଲେ। ପ୍ରଦୀପ ପାଇକରାୟ ଓ ପତ୍ନୀ ଶୁଭ୍ରା ଏବଂ ଅରୁଞ୍ଜନ ନାୟକ ଓ ପତ୍ନୀ ଅନିତା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ନାଲକୋ ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁଶୀଲ ପାଢ଼ୀଙ୍କ ସମେତ ଅନ୍ୟ ସମୂହ ମହାପ୍ରବନ୍ଧକ ଓ ଅଧିକାରୀମାନେ ଉପସ୍ଥିତ ଥିଲେ।

## ପବ୍ଲିକ, ପୋଲିସ, ପ୍ରଶାସନର ମିଳିତ ବୈଠକ

**ଜୟପୁର, ୧୪।୩ (ନି.ପ୍ର.)**

ପବ୍ଲିକ, ପୋଲିସ, ପ୍ରଶାସନର ଏକ ମିଳିତ ବୈଠକ ରଜନିକାନ୍ତ ନାୟକଙ୍କ ଆବାହକତ୍ୱରେ ଜୟନଗରସ୍ଥିତ ସିଆ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୂତନ କାର୍ଯ୍ୟକର୍ତ୍ତା ଚୟନ କରାଯାଇଛି । ସଭାପତି ରୂପେ ରଜନିକାନ୍ତ ନାୟକ, ଉପ ସଭାପତି ପ୍ରଫୁଲ୍ଲ ପାଢୀ, ସମ୍ପାଦକ ନିରଞ୍ଜନ ପାଣିଗ୍ରାହୀ, ସହ ସମ୍ପାଦକ ବରୁଣ ଜୈନ, ଯୁବ ସଙ୍ଗଠକ ନିଖିଲ ସାହୁ, ସଙ୍ଗଠନ ସମ୍ପାଦକ ପ୍ରଦିପ୍ତ ସାହୁ ଓ ପ୍ରତାପ ପଟ୍ଟନାୟକ, କୋଷାଧ୍ୟକ୍ଷ ରୂପେ ମହେଶ୍ୱର ମିଶ୍ର ଚୟନ ହୋଇଥିଲେ । ୨୦ଟି ସମାଜିକ ସଙ୍ଗଠନକୁ ନେଇ ଏକ କମିଟି ଗଠନ କରାଯାଇଛି । ବୈଠକରେ ଅଜୟ ମିଶ୍ର, ସଚ୍ଚିଦ୍ରନାଥ ସାନ୍ତ୍ରା, ମୟଙ୍କ ଅଗ୍ରୱାଲ, ରଞ୍ଜିତ ନାୟକ, ବିଶ୍ୱ ରଞ୍ଜନ ମହାନ୍ତିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

## ହତ୍ୟା ଉଦ୍ୟମ ମାମଲାରୁ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**କୋରାପୁଟ,୧୪।୩(ସ୍ୱ.ପ୍ର.)**

କୋରାପୁଟ ସହକାରୀ ଦୋରାଜଜ୍ ନିଶା ସମାଲ ଏକ ହତ୍ୟା ଉଦ୍ୟମ ମାମଲାର ବିଚାର କରି ଜଣେ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଉପଯୁକ୍ତ ପ୍ରମାଣ ଅଭାବରୁ ଅଭିଯୁକ୍ତ ନୟନ ନାଜିକାଙ୍କୁ ବିଚାରପତି ନିର୍ଦ୍ଦୋଷରେ ଖଲାସ କରିଥିବା ଜଣାପଡିଛି। ମାମଲାର ବିବରଣୀରୁ ପ୍ରକାଶ ଯେ, ଗତ ୨୦୧୧ ନଭେମ୍ବର ୨୩ ତାରିଖ ସନ୍ଧ୍ୟାରେ ନାରାୟଣପାଟଣାର ବିଶ୍ୱନାଥ କଡତାସିଆ ଘରକୁ ଯାଉଥିବାବେଳେ ନାରାୟଣପାଟଣା ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଜଣେ ଦୁର୍ବୃତ୍ତ ପଛପଟୁ ଆସି ଛୁରିରେ ବିଶ୍ୱନାଥଙ୍କ ବେକକାଟି ଦେଇ ଦୌଡି ପଳାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ବିଶ୍ୱନାଥଙ୍କୁ ପ୍ରଥମେ ନାରାୟଣପାଟଣା ମେଡିକାଲ ଏବଂ ପରେ କୋରାପୁଟ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ଘଟଣାର ୩ ଦିନ ପରେ ବିଶ୍ୱନାଥଙ୍କ ଭାଇ ଗୋପୀନାଥ କଡତାସିଆ ଥାନାରେ ଏତଲା ଦେଇଥିଲେ । ଏହାକୁ ଭିତ୍ତି କରି ନାରାୟଣପାଟଣା ଥାନାରେ ୪୩/୧୧ରେ ମାମଲା ରୁଜୁ ହୋଇଥିଲା । ଘଟଣାର ତଦନ୍ତ କରି ନାରାୟଣପାଟଣା ପୋଲିସ ବିକ୍ରମପୁର ଗ୍ରାମର ସୈରାଜାନି ଓରଫ କଡତାସିଆ, ଡୁମସିଲ ଗ୍ରାମର ଧର୍ମା ରାଓ କେଣ୍ଟୁରକା ଓ ନୟନ ନାଜିକାଙ୍କ ନାମରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା । ସୋମବାର ଉକ୍ତ ମାମଲାର ବିଚାର କରି ଅଦାଲତ ଅଭିଯୁକ୍ତ ଉପରୋକ୍ତ ରାୟ ଦେଇଥିଲେ । ନୟନଙ୍କ ପକ୍ଷରୁ ଆଇନଜୀବୀ ମନୋରଞ୍ଜନ ରାଉତରାୟ ମାମଲା ପରିଚାଳନା କରୁଥିବାବେଳେ ସରକାରଙ୍କ ପକ୍ଷରୁ ଆଇନଜୀବୀ ବିଦ୍ୟାଧର ସାହୁ ପରିଚାଳନା କରୁଥିଲେ ।

## ଆଲୁମିନା ନବନିର୍ମାଣ କର୍ମଚାରୀ ସଂଘର ବାର୍ଷିକ ବୈଠକ





କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

**ଦାମନଯୋଡ,୧୪।୩(ଡିଏନ.ଏ.)–** ନାଲକୋ ପ୍ରକଳ୍ପର ଶ୍ରମିକ ସଂଗଠନ ଆଲୁମିନା ନବନିର୍ମାଣ କର୍ମଚାରୀ ସଂଘର ବାର୍ଷିକ ସାଧାରଣ ପରିଷଦ ବୈଠକ ସଂଘ କାର୍ଯ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ହିନ୍ଦ୍ ମଜଦୁର ସଭାର ରାଜ୍ୟ ଉପସଭାପତି ତଥା ବିଜୁ ଶ୍ରମିକ ସାମ୍ମୁଖ୍ୟର ଉପସଭାପତି ଯୁଗଳ କିଶୋର ନାୟକ ମୁଖ୍ୟବକ୍ତା, ମଜଦୁର ସଭାର ରାଜ୍ୟ ସମ୍ପାଦକ ଆଇନଜୀବୀ ରାଜେନ୍ଦ୍ର କୁମାର ଦାସ ସମ୍ମାନିତ ବକ୍ତା ରୂପେ ଯୋଗ ଦେଇଥିଲେ। ଆଲୁମିନା ନବନିର୍ମାଣ କର୍ମଚାରୀ ସଂଘ ସଭାପତି କେ. ଚଣ୍ଡୀପ୍ରସାଦ ରାଓ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ବିଶ୍ୱଜିତ ମିଶ୍ର ବିବରଣୀ ପାଠ କରିଥିଲେ। ବୈଠକରେ କେନ୍ଦ୍ର ସରକାରଙ୍କ ନୂତନ ଶ୍ରମିକ କୋଡ୍ ଏବଂ ନାଲକୋ ଘରୋଇକରଣ ଯୋଜନାକୁ ବିରୋଧ କରାଯାଇଥିଲା। ମାର୍ଚ୍ଚ ୨୮ ଓ ୨୯ ଦୁଇଦିନ ଧରି ହିନ୍ଦ୍ ମଜଦୁର ସଭା କେନ୍ଦ୍ରର ଶ୍ରମିକ କୋଡ୍ ବିରୋଧରେ ସର୍ବଭାରତୀୟ ସ୍ତରରେ ପ୍ରତିବାଦ କରିବାକୁ ନିଷ୍ପତ୍ତି ହୋଇଥିଲା।

## ଚୋରା ଚାଲାଣ ବେଳେ ଗଞ୍ଜେଇ ଜବତ, ୪ ଗିରଫ

**ସୁନାବେଡା,୧୪।୩ (ସ୍ୱ.ପ୍ର.)–**

ରବିବାର ବିଳମ୍ବିତ ରାତିରେ ବଡ଼ବୋଡେଙ୍ଗା ରାସ୍ତାରେ ପାଟ୍ରୋଲିଂ କରୁଥିବା ବେଳେ ସୁନାବେଡା ପୋଲିସ ୧ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୪ଜଣଙ୍କୁ ଗିରଫ କରାଯାଇଛି। ଗଞ୍ଜେଇ ଚାଲାଣରେ ବ୍ୟବହୃତ ବୋଲେରୋ ଜବତ ହୋଇଛି। ନନ୍ଦପୁର ରୋଡ଼ରୁ ସୁନାବେଡାକୁ ସଂଯୋଗ କରୁଥିବା ବଡ଼ବୋଡେଙ୍ଗା ରାସ୍ତାରେ ପୋଲିସ ପାଟୋଲିଂ କରୁଥିବା ବେଳେ ଉକ୍ତ ବୋଲେରୋକୁ ସନ୍ଦେହରେ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ସେଥିରୁ ୧୦୬ କେଜି ୫୦୦ ଗ୍ରାମ ଗଞ୍ଜେଇ ମିଳିଥିଲା। ଗିରଫ ସମସ୍ତ ଅଭିଯୁକ୍ତ ପଟାଙ୍ଗୀ ଓ ମାଛକୁଣ୍ଡ ଅଞ୍ଚଳର ବୋଲି ସୁନାବେଡା ଥାନା ଅଧିକାରୀ ସସ୍ମିତ କୁମାର ବେହେରା ସୂଚନା ଦେଇଛନ୍ତି । କେସ ନଂ. ୪୧/୨୨ରେ ମାମଲା ରୁଜୁ କରାଯାଇ ୪ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି।

## ଜୁନିୟର ରେଡ୍‌କ୍ରସ୍ ପରାମର୍ଶଦାତା ଶିବିର

**କୋରାପୁଟ,୧୪।୩(ସ୍ୱ.ପ୍ର.)**

କୋରାପୁଟସ୍ଥିତ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ଜୁନିୟର ରେଡକ୍ରସ ପରାମର୍ଶଦାତାଙ୍କ ୩ ଦିନିଆ ଶିବିର ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ଅତିରିକ୍ତ ତହସିଲଦାର ସସ୍ମିତା ଜେନା ମୁଖ୍ୟଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ବିଜୟ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଅର୍ପିତା ପ୍ରଧାନ, ଡ. ଗାୟତ୍ରୀ ଦେବୀ ଯୋଗଦେଇ ଛାତ୍ରୀଛାତ୍ରମାନେ ନିଜକୁ ସର୍ବଦା ବିଭିନ୍ନ ସେବାମୂଳକ କାର୍ଯ୍ୟରେ ନିୟୋଜିତ କରିବାକୁ ପରାମର୍ଶ ଦେଇଥିଲେ। ପ୍ରଶିକ୍ଷକଭାବେ ସାହେବା ପରବିନ, ହରେକୃଷ୍ଣ ମହାରଣା, ଜ୍ୟୋତିରଞ୍ଜନ ନନ୍ଦ ଉପସ୍ଥିତ ଥିଲେ।

## ଧର୍ମଗୁରୁ ବାବା ସାୟାଦ ନାଜି ଆଲିସାଙ୍କ ଜୟନ୍ତୀ

**କୋଟପାଡ଼,୧୪।୩ (ଡି.ଏନ.ଏ.)**

କୋରପୁଟ ଜିଲା କୋଟପାଡ଼ ଅଞ୍ଚଳର ମୁସଲିମ ସମ୍ପ୍ରଦାୟର ସୁନି ମୁସଲିମ ଜମାତ ତରଫରୁ ଧର୍ମଗୁରୁ ବାବା ସାୟାଦ ନାଜି ଆଲିସାଙ୍କ ୭୨ତମ ଜୟନ୍ତୀ ଉତ୍ସବ ରବିବାର କୋଟପାଡ଼ କେନ୍ଦୁଗୁଡା ନିକଟସ୍ଥ କବରସ୍ଥାନଠାରେ ପାଳିତ ହେଇଯାଇଛି। ଏହି ପର୍ବରେ ପଡୋଶୀ ଛତିଶଗଡ଼, ଆନ୍ଧ୍ରପ୍ରଦେଶ,ଓଡିଶା, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ ଅଞ୍ଚଳରୁ ବହୁ ସୁନି ମୁସଲିମ ସମ୍ପ୍ରଦାୟର ଶ୍ରଦ୍ଧାଳୁ ଯୋଗଦେଇ ନିଜ ମାନସିକ ସମ୍ପନ୍ନ କରିବା ସହ ସମାଧି ନିକଟରୁ ଆଶ୍ରୀବାଦ ନେଇଥିଲେ। ଉତ୍କୃଷ୍ଟ ପର୍ବ ରୂପେ ପରିଚିତ ଏହି ଉତ୍ସବ ଉକ୍ତ ଅଞ୍ଚଳର ଭାଇଚାରା ପର୍ବ। ସବୁ ସମ୍ପ୍ରଦାୟର ଲୋକେ ବାବାଙ୍କ ସମାଧି ଉପରେ ଚାଦର ଚଢାଇଥାନ୍ତି। ରବିବାର ଅପରାହ୍ନ ସନ୍ଧ୍ୟା ୬ଟାରେ ଦୁଲପୁର ସାହିର ଜୁମା ମସଜିଦଠାରେ ସମସ୍ତ ମୁସଲିମ ସମ୍ପ୍ରଦାୟର ଲୋକେ ଏକତ୍ରିତ ହୋଇ ଚାଦର ଶୋଭାଯାତ୍ରାରେ ଜୁଲୁଷ ବାହାର କରି ଭଜନ ଗାଇ ୧ କିମି ଦୂରରେ ଥିବା କବରସ୍ଥାନରେ ପହଞ୍ଚି ସମାଧି ଉପରେ ଚାଦର ଚଢାଇଥିଲେ। ଧର୍ମଗୁରୁମାନେ ନମାଜ ପାଠ କରିଥିଲେ। ରାତ୍ର ୯ଟାରୁ ଧର୍ମଗୁରୁ ସାୟାଦ ଇକରାମ, ଜଗଦଲପୁରର ଇକ୍ରମ ବାକ୍ସଶାହା, ଝାଡ଼ଖଣ୍ଡର ସାଜିଦ ରିଜଵି କୋରାନ ପାଠ କରିଥିଲେ। ମୁଖ୍ୟଅତିଥି ରୂପେ କୋରାପୁଟର ମୁଜେମିଲ ହୁସେନ ନିଜ ବକ୍ତବ୍ୟ ପାଠ କରିଥିଲେ। କୋଟପାଡ଼ ସୁନି ମୁସଲିମ ଜମାତର ସଭାପତି ଏମଡି ଅନିଫ, ଆରିଫ ପଟେଲ, ଏମ.ଡି. ମହମ୍ମଦ ପ୍ରମୁଖ ପରିଚାଳନା କରିଥିଲେ। ବୋରିଗୁମା ଏସଡିପିଓ ହରେକୃଷ୍ଣ ମାଝୀ, ଥାନା ଅଧିକାରୀ ଶେଷଦେବ ବେହେରା ଶାନ୍ତିଶୃଙ୍ଖଳା ରକ୍ଷାରେ ନିୟୋଜିତ ହୋଇଥିଲେ।

## ଦ୍ୱିତୀୟ ଦିନରେ ପଡ଼ୋଶୀ ରାଜ୍ୟରୁ ଶ୍ରଦ୍ଧାଳୁଙ୍କ ଭିଡ଼

**ମା' ନାକଟେଶ୍ୱରୀଙ୍କ ଯାତ୍ରା**

**ମାଲକାନଗିରି,୧୪।୩ (ଡି.ଏନ୍.ଏ.)**

ମାଲକାନଗିରି ସଦର ମହକୁମାରେ ତିନିଦିନ ବ୍ୟାପୀ ମା' ନାକଟେଶ୍ୱରୀ ଯାତ୍ରା ଆରମ୍ଭ ହୋଇଛି। ରବିବାର ରାତି ୮ଟାରେ ସହର ନିକଟସ୍ଥ ବହୁ ଦେବାଦେବୀଙ୍କ ପୀଠରୁ ୨ଶହରୁ ଊର୍ଦ୍ଧ୍ୱ ଲାଠି ଆସି ମାଁ ମାଉଲିମା ମନ୍ଦିର ନିକଟରେ ପହଞ୍ଚିଥିଲା। ପରେ ମା' ନାକଟେଶ୍ୱରୀଙ୍କ ସିଂହାସନ ସହ ଏହି ସମସ୍ତ ଲାଠିଗୁଡିକ ନେଇ ସହର ପରିକ୍ରମା କରାଯାଇ ରାତି ସାଢେ ୧୧ଟାରେ ନାକଟେଶ୍ୱରୀ ମନ୍ଦିର ନିକଟରେ ପହଞ୍ଚିଥିଲେ। ସେଠାରେ



ମା' ନାକଟେଶ୍ୱରୀ।



ଯାତ୍ରାରେ ଶ୍ରଦ୍ଧାଳୁଙ୍କ ଭିଡ଼।

ପୂଜାର୍ଚ୍ଚନା ପରେ ଲାଠିଗୁଡିକୁ ମନ୍ଦିର ସମ୍ମୁଖରେ ସ୍ଥାପନ କରାଯାଇଥିଲା। ସୋମବାର ନାକଟେଶ୍ୱରୀଙ୍କ ଯାତ୍ରାର ଦ୍ୱିତୀୟ ଦିନରେଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ପଡୋଶୀ ଆନ୍ଧ୍ର, ଛତିଶଗଡରୁ ବହୁ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ ପାଇଁ ଆସିଥିଲେ। ସୂଚନାଯୋଗ୍ୟ, ଗତ ଦୁଇ ବର୍ଷ କରୋନା କଟକଣା ଯୋଗୁ ମା'ଙ୍କ ଏହି ଯାତ୍ରା ହୋଇପାରି ନ ଥିଲା। କେବଳ ପୀଠରେ ମା'ଙ୍କ ନିକଟରେ ଦୀପ ଜାଳି ପୂଜାର୍ଚ୍ଚନା କରାଯାଇଥିଲା।

